

ଯା ଦେବୀ ସର୍ବଭୂତେଷୁ.....

ନିରପେକ୍ଷ ଦୈନିକ ସମ୍ବାଦପତ୍ର

ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ରବିବାର ୦୧ ଜାନୁଆରୀ ୨୦୨୩ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SUNDAY 01 JANUARY 2023

Vol.No. 34 ■ No. 1 ■ Price :Rs.2.00 (8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019

ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧

କେମିତି ହେଲା ରୁଷ ପର୍ଯ୍ୟଟକଙ୍କ ମୃତ୍ୟୁ

ବ୍ୟବଚ୍ଛେଦ ରିପୋର୍ଟରୁ ସାମ୍ନାକୁ ଆସିଲା ମୃତ୍ୟୁର କାରଣ——

ଭୁବନେଶ୍ୱର, ୩୧/୧୨ (ନି.ପ୍ର): ରାୟଗଡା ରୁଷୀୟ ପର୍ଯ୍ୟଟକଙ୍କ ମୃତ୍ୟୁ କେମିତି ହେଲା ତାହା ଏବେ ରହସ୍ୟ ଘେରରେ । ଏହାରି ଭିତରେ ଦୁଇ ମୃତକଙ୍କ ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିଛି । ରିପୋର୍ଟରେ ରୁଷ ସାଂସଦ ପାଭେଲଙ୍କ ମୃତ୍ୟୁକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି । ଏପରିକି ଶବ ବ୍ୟବଚ୍ଛେଦ ରିପୋର୍ଟକୁ ନେଇ ବହୁ ଫରେନସିକ ଏକ୍ସପର୍ଟ ପ୍ରଶ୍ନ ଉଠାଇଛନ୍ତି । ବଡ କଥା ହେଲା ୨୫ ରୁ ୩୦ ଫୁଟ ଉଚ୍ଚରୁ ପାଭେଲ ଖସି ପଡିଥିଲେ ବୋଲି ପୋଲିସ କହୁଛି । ହେଲେ ତାଙ୍କ ଶରୀରର ବାହ୍ୟ ଅଂଶରେ କୌଣସି ଆଘାତ ଲାଗିଲାନି କେମିତି ? ଯାହାକୁ ନେଇ ପ୍ରଶ୍ନ ଘେରରେ ପୋଷ୍ଟମୋର୍ଟମ ରିପୋର୍ଟ । ରାୟଗଡା ହୋଟେଲରେ ଦୁଇ ରୁଷୀୟ ପର୍ଯ୍ୟଟକଙ୍କର କେମିତି ମୃତ୍ୟୁ ହେଲା, ସେ ନେଇ ସସପେନ୍ସ ଲାଗି ରହିଥିବାବେଳେ କନକ ନ୍ୟୁଜ୍ ହାତରେ ଲାଗିଛି ଉଭୟଙ୍କ ଶବ ବ୍ୟବଚ୍ଛେଦ ରିପୋର୍ଟ । ଏ ହେଉଛି ରାୟଗଡା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପକ୍ଷରୁ ଦିଆଯାଇଥିବା ଦୁଇ ମୃତକଙ୍କ ଭିନ୍ନ ଭିନ୍ନ ଶବ ବ୍ୟବଚ୍ଛେଦ ରିପୋର୍ଟ । ସାମ୍ନାକୁ ଆସିଛି ପ୍ରଥମେ ମୃତ୍ୟୁ ହୋଇଥିବା ଭ୍ଲାଦିମିର ବିଦାନୋଭଙ୍କ ବ୍ୟବଚ୍ଛେଦ ରିପୋର୍ଟ । ଏଥିରେ ସ୍ପଷ୍ଟ ଭାବରେ ଦର୍ଶାଯାଇଛି, ଭ୍ଲାଦିମିରଙ୍କ ଶରୀରର ବାହାର କି ଭିତର ଅଂଗରେ କୌଣସି ପ୍ରକାର କ୍ଷତ ଚିହ୍ନ ମିଳି ନାହିଁ । କିନ୍ତୁ କାର୍ଡିଆକ୍ ଫେଲ୍ୟୁର ବା ହୃଦଘାତ ଯୋଗୁଁ ବିଦାନୋଭଙ୍କର ମୃତ୍ୟୁ ହୋଇଛି । ତାଙ୍କ ପାକସ୍ଥଳୀରୁ ମିଳିଥିବା ଜଳୀୟ ଅଂଶରେ ଗଞ୍ଜେଇ, ଅଫିମ ପରି ନିଶା ଦ୍ରବ୍ୟର ବାସ୍ନା ମିଳିଛି । ସେହିଭଳି ରୁଷୀୟ ସାଂସଦ ପାଭେଲ ଆଂଟୋଭଙ୍କ ଶବ ବ୍ୟବଚ୍ଛେଦ ରିପୋର୍ଟରେ ସ୍ପଷ୍ଟ ଭାବରେ ଦର୍ଶାଯାଇଛି, ପାଭେଲଙ୍କ ମୁଣ୍ଡ ଖପୁରୀ ଓ ►►ପୃଷ୍ଠା ୭

ନବବର୍ଷ-୨୦୨୩ ଅବସରରେ ମୁଁ ରାଜ୍ୟବାସୀ ସମସ୍ତଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଆନ୍ତରିକ ଅଭିନନ୍ଦନ ଜଣାଉଛି । ନୂତନ ବର୍ଷ ରାଜ୍ୟବାସୀଙ୍କ ଜୀବନରେ ହସ, ଖୁସି, ଶାନ୍ତି ଓ ସମୃଦ୍ଧି ଭରିଦେଉ, ଏତିକି କାମନା । ରାଜ୍ୟକୁ ଦେଶର ଏକ ଶ୍ରେଷ୍ଠ ରାଜ୍ୟରେ ପରିଣତ କରିବା ପାଇଁ ସମସ୍ତେ ନିଜ ନିଜ ସ୍ତରରେ ନିଷ୍ଠାପର ପ୍ରୟାସ ଜାରି ରଖିବାକୁ ମୁଁ ଆହ୍ୱାନ ଜଣାଉଛି ।

(ଗଣେଶୀ ଲାଲ)
ମାନ୍ୟବର ରାଜ୍ୟପାଳ, ଓଡ଼ିଶା

OIPR : 15001/13/0224/2223

ମାର୍ଚ୍ଚ ୧ ତାରିଖଠାରୁ ଯୁକ୍ତ ୨ ପରୀକ୍ଷା, ଫେବୃଆରି ୧ରୁ ହେବ ପ୍ରାକ୍ଟିକାଲ

ଭୁବନେଶ୍ୱର, ୩୧/୧୨ (ନି.ପ୍ର): ରାଜ୍ୟର ଆସନ୍ତା ମାର୍ଚ୍ଚ ୧ ତାରିଖ ଠାରୁ ଯୁକ୍ତ ୨ ପରୀକ୍ଷା ଆରମ୍ଭ ହେବ । ଯୁକ୍ତ ୨ କଳା, ବିଜ୍ଞାନ, ବାଣିଜ୍ୟ ଓ ଧନ୍ଦାମୂଳକ ବିଷୟରେ ପଢୁଥିବା ଛାତ୍ରଛାତ୍ରୀମାନେ ବୋର୍ଡ ପରୀକ୍ଷା ଦେବେ । ବାର୍ଷିକ ପରୀକ୍ଷା ନେଇ ସିଏଚ୍ଏସ୍ଇ ପକ୍ଷରୁ ବିଜ୍ଞପ୍ତି ଜାରି ହୋଇଛି । ପ୍ରାପ୍ତ ସୂଚନା ଅନୁସାରେ ମାର୍ଚ୍ଚ ୧ ତାରିଖ ଠାରୁ ଯୁକ୍ତ ୨ ବିଜ୍ଞାନ ପରୀକ୍ଷା ହେବ । ସେହିପରି କଳା ଓ ବାଣିଜ୍ୟ ବିଷୟରେ ୨ ତାରିଖରେ ହେବାକୁ ଥିବା ବେଳେ ମାର୍ଚ୍ଚ ୩ ତାରିଖରୁ ଧନ୍ଦାମୂଳକ ଶିକ୍ଷା ବିଷୟରେ ଛାତ୍ରଛାତ୍ରୀ ପରୀକ୍ଷା ଦେବେ । ସେହିପରି ଯୁକ୍ତ ୨ ପ୍ରାକ୍ଟିକାଲ ପରୀକ୍ଷା ଫେବ୍ରୁଆରି ୧ ତାରିଖ ଠାରୁ ଆରମ୍ଭ ହୋଇ ୧୦ ତାରିଖ ମଧ୍ୟରେ ଶେଷ ହେବ ।

ଫେକ ୱେବସାଇଟ ତିଆରି କରି ଚାକିରୀ ପାଇଁ ଠକିଥିବା ମାମଲାର ମାଷ୍ଟରମାଇଣ୍ଡ ଗିରଫ

ଭୁବନେଶ୍ୱର, ୩୧/୧୨ (ନି.ପ୍ର): କ୍ରାଇମବ୍ରାଂଚର ଆର୍ଥିକ ଅପରାଧ ଶାଖା ଜବ୍ ଫ୍ରଡ୍ ମାଷ୍ଟରମାଇଣ୍ଡ ଜାଫର ଅହମଦକୁ ଉତର ପ୍ରଦେଶରୁ ଅଲିଗଡରୁ ଗିରଫ କରିଛି । କ୍ରାଇମ ବ୍ରାଂଚ ଡିଆଇଜି ►►ପୃଷ୍ଠା ୭

ମକରସଂକ୍ରାନ୍ତିରେ ମୋଦୀଙ୍କ ନୂଆ ଟିମ୍ !

ନୂଆଦିଲ୍ଲୀ, ୩୧/୧୨ : ଆସନ୍ତା ଜାନୁଆରୀ ଦ୍ୱିତୀୟ ସପ୍ତାହରେ ହୋଇପାରେ କେନ୍ଦ୍ର ମନ୍ତ୍ରୀମଣ୍ଡଳର ଅଦଳବଦଳ । ଯାହାକୁ ନେଇ ଜାତୀୟ ଗଣମାଧ୍ୟମରେ ଜୋରଦାର ଚର୍ଚ୍ଚା ହେଉଛି । କୁହାଯାଉଛି ୨୦୨୪କୁ ଫୋକସ କରି ନୂଆ ଟିମ ଗଠନ କରିପାରନ୍ତି ମୋଦି । ଚର୍ଚ୍ଚା ଅନୁସାରେ ବଜେଟ ଅଧିବେଶନ ପୂର୍ବରୁ ମନ୍ତ୍ରିମଣ୍ଡଳର ସଂପ୍ରସାରଣ କରାଯାଇପାରେ । ରୋଟେସନ ବେସିସରେ ନୂଆ ଓ ଦକ୍ଷତା ଥିବା ଚେହେରା ମନ୍ତ୍ରିମଣ୍ଡଳରେ ସାମିଲ ହୋଇପାରନ୍ତି । ଆଗକୁ ୯ଟି ରାଜ୍ୟର ବିଧାନସଭା ନିର୍ବାଚନ ଥିବାରୁ ଭୋଟ ବ୍ୟାଙ୍କ ବଢ଼ାଇବା ପାଇଁ ସେହି ରାଜ୍ୟର ନେତୃତ୍ୱଙ୍କୁ ମନ୍ତ୍ରିମଣ୍ଡଳରେ ସୁଯୋଗ ମିଳିବାର ସମ୍ଭାବନା ଅଧିକ । ଏପରିକି ଗୁଜରାଟ ନିର୍ବାଚନରେ ଆଶାତୀତ ସଫଳତା ପରେ ଦାୟିତ୍ୱରେ ଥିବା ନେତାଙ୍କୁ ପୁରସ୍କୃତ କରିପାରନ୍ତି ମୋଦୀ । ବର୍ତମାନ ଓଡ଼ିଶାର ୩ଜଣଙ୍କୁ ମୋଦି ତାଙ୍କ ମନ୍ତ୍ରିମଣ୍ଡଳରେ ସ୍ଥାନ ଦେଇଛନ୍ତି । ତେବେ ନୂଆ ମନ୍ତ୍ରିମଣ୍ଡଳ ଦୌଡ଼ରେ ଅପରାଜିତା ଷଡ଼ଙ୍ଗୀ, ସୁରେଶ ପୂଜାରୀ, ସଙ୍ଗୀତା ସିଂଦେଓ, ପ୍ରତାପ ଷଡ଼ଙ୍ଗୀଙ୍କ ନାଁକୁ ନେଇ ଚର୍ଚ୍ଚା କରାଯାଉଛି । ►►ପୃଷ୍ଠା ୭

ମୁଖ୍ୟମନ୍ତ୍ରୀଙ୍କ ନୂଆବର୍ଷର ଶୁଭେଚ୍ଛା

ନୂଆବର୍ଷ ୨୦୨୩ ଅବସରରେ ଓଡ଼ିଶାବାସୀଙ୍କୁ ମୋର ଶୁଭେଚ୍ଛା ଜଣାଉଛି । ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦରୁ ନୂଆବର୍ଷ ସମସ୍ତଙ୍କ ପାଇଁ ମଙ୍ଗଳମୟ ହେଉ ।

ଓଡ଼ିଶା ପାଇଁ ଶାନ୍ତି ଓ ସମୃଦ୍ଧିର ବର୍ଷ ହେଉ ।

— ଜୟ ଜଗନ୍ନାଥ —

ନବୀନ ପଟ୍ଟନାୟକ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

OIPR : 15001/13/0224/2223

ନିୟମ ମାନି ଇଂରାଜୀ ନବବର୍ଷ ପାଳନ କରିବାକୁ ପରାମର୍ଶ ଦେଲେ ଭୁବନେଶ୍ୱର ଡିସିପି

ଭୁବନେଶ୍ୱର, ୩୧/୧୨ (ନି.ପ୍ର): ସମସ୍ତ ପ୍ରକାର ନିୟମ ଇଂରାଜୀ ନବ ବର୍ଷ ପାଳନ କରିବାକୁ ଭୁବନେଶ୍ୱର ଡିସିପି ପ୍ରତୀକ ସିଂ ପରାମର୍ଶ ଦେଇଛନ୍ତି । ସେ ଏକ ଭିଡିଓ ବାର୍ତ୍ତା ଦେଇ ଜନସାଧାରଣଙ୍କୁ ସଚେତନ କରାଇଛନ୍ତି । ସେ କହିଛନ୍ତି ଯେ ୨ ବର୍ଷ ପରେ ବିନା କରୋନା କଟକଣାରେ ନୂଆବର୍ଷ ପାଳନ ହେବାକୁ ଯାଉଛି । ତେଣୁ ସମସ୍ତେ ଖୁସି ଅଛନ୍ତି । ସମସ୍ତେ ସେଲିବ୍ରେସନ୍ ମୁଡ୍‌ରେ ଥିବାରୁ କିଛି ବ୍ୟକ୍ତି ଟ୍ରାଫିକ ନିୟମ ଭୁଲି ଯାଉଛନ୍ତି । ଯାହାକି ନିଜ ଓ ଅନ୍ୟ ବ୍ୟକ୍ତିଙ୍କ ପାଇଁ ବିପଦପୂର୍ଣ୍ଣ ହୋଇପାରେ । ସମସ୍ତଙ୍କୁ ଅନୁରୋଧ କରୁଛି, ଦ୍ରୁତ ଗତିରେ ଗାଡ଼ି ଚଲାନ୍ତୁ ନାହିଁ ଓ ଟ୍ରାଫିକ ନିୟମ ପାଳନ କରନ୍ତୁ । ମଦ୍ୟପାନ କରି ଗାଡ଼ି ଚଲାନ୍ତୁ ନାହିଁ । ସେ କହିଛନ୍ତି ଯେ - 'ଯଦି କୌଣସି ପାର୍ଟିକୁ ଯାଉଛନ୍ତି ତା'ହେଲେ ଡ୍ରାଇଭରଙ୍କୁ ସାଙ୍ଗରେ ନିଅନ୍ତୁ । ନୂଆବର୍ଷ ଦିନ ବିଭିନ୍ନ ସ୍ଥାନରେ ପୋଲିସ୍‌ର କଡ଼ାକଡ଼ି ଚେକିଂ ହେବ । ମଦ୍ୟପାନ କରି ଗାଡ଼ି ଚଲାଇବା ଓ ଦ୍ରୁତ ଗତିରେ ଗାଡ଼ି ଚଲାଉଥିବା ବେଳେ ଯେଉଁମାନେ ଧରାପଡ଼ିବେ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ଜିରୋ ନାଇଟ୍ ସେଲିବ୍ରେସନ୍ ଦିନ ଓ ଜାନୁଆରୀ ୧ ତାରିଖ ଦିନ ଟ୍ରାଫିକ ଜାମ୍ ଅଧିକ ରହିପାରେ ବୋଲି ଆଶଙ୍କା କରାଯାଉଛି । ବିଶେଷ କରି ଜନପଥ, ନନ୍ଦନକାନନ ରୋଡ୍, କଟକ ରୋଡ୍, ରସୁଲଗଡ଼ ଏସବୁ ଅଞ୍ଚଳରେ ଟ୍ରାଫିକ୍ ଜାମ୍ ଅଧିକ ରହିପାରେ' ବୋଲି ଭୁବନେଶ୍ୱର ଡିସିପି ସୂଚନା ଦେଇଛନ୍ତି । ସେ କହିଛନ୍ତି ଯେ - ଗାଡ଼ିସବୁ ଠିକ୍ ସ୍ଥାନରେ ପାର୍କିଂ ଓ ଲକ୍ କରନ୍ତୁ । ରାସ୍ତାରେ ଗାଡ଼ି ଛାଡ଼ି ଯାଆନ୍ତୁ ନାହିଁ । ରାସ୍ତା ଉପରେ ନୋ ପାର୍କିଂ ଏରିଆରେ ଗାଡ଼ି ରଖନ୍ତୁ ନାହିଁ ।

ଇଂରାଜୀ ନବବର୍ଷ ୨୦୨୩ ଅବସରରେ ରାଜ୍ୟବାସୀ ଭାଇଭଉଣୀମାନଙ୍କୁ ମୋର ହାର୍ଦ୍ଦିକ ଶୁଭେଚ୍ଛା ଏବଂ ଅଭିନନ୍ଦନ ।

ନବବର୍ଷ ଆପଣମାନଙ୍କ ପାଇଁ ନୂଆ ସମ୍ଭାବନା ଓ ଆଶା-ଆକାଂକ୍ଷାର ବର୍ଷ ହେଉ । ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଅପାର କରୁଣାରୁ ଆପଣଙ୍କ ପରିବାରରେ ସୁଖ, ଶାନ୍ତି ଓ ସମୃଦ୍ଧି ଭରି ଉଠୁ ଏହାହିଁ ମୋର କାମନା ।

(ପ୍ରଦିପ କୁମାର ଅମାତ)
ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ, ପଞ୍ଚାୟତିରାଜ ଓ ପାନୀୟଜଳ ଏବଂ
ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ, ଓଡ଼ିଶା

OIPR : 15001/13/0224/2223

ନୂଆବର୍ଷ ପୂର୍ବରୁ ବିଜେଡି ନେତାଙ୍କୁ ନୂଆ ଦାୟିତ୍ୱ

ଭୁବନେଶ୍ୱର, ୩୧/୧୨ (ନି.ପ୍ର): ନୂଆବର୍ଷ ପୂର୍ବରୁ ଦଳୀୟ ନେତାଙ୍କୁ ନୂଆ ଦାୟିତ୍ୱ ଦେଇଛି ବିଜେଡି । ମିଡ଼ିଆ ଟିମର ପୁର୍ନଗଠନ କରିଛି ବିଜେଡି । ଲେନିନ୍ ମହାନ୍ତିଙ୍କୁ ଗଣମାଧ୍ୟମ ସଂଯୋଜକ ଓ ମଧୁସ୍ମିତା ନାୟକଙ୍କୁ ଗଣମାଧ୍ୟମ ସହ ସଂଯୋଜକ ଭାବେ ନୂଆ ଦାୟିତ୍ୱ ମିଳିଛି । ସେହିଭଳି ୫ ଜଣଙ୍କୁ ଜାତୀୟ ମୁଖପାତ୍ର ଦାୟିତ୍ୱ ଦେଇଛି ଦଳ । ପ୍ରସନ୍ନ ଆଚାର୍ଯ୍ୟ, ସସ୍ମିତ ପାତ୍ର, ମାନସ ମଙ୍ଗରାଜ,ଶର୍ମିଷ୍ଠା ସେଠୀ ଓ ପିନାକୀ ମିଶ୍ରଙ୍କୁ ଜାତୀୟ ମୁଖପାତ୍ର ଦାୟିତ୍ୱ ମିଳିଛି । ସେହିଭଳି ୧୬ ଜଣଙ୍କୁ ମୁଖପାତ୍ର ଦାୟିତ୍ୱ ଦେଇଛି ଦଳ । ଦେବୀ ପ୍ରସାଦ ମିଶ୍ର, ସ୍ନେହାଙ୍ଗିନୀ ଛୁରିଆ, ଚନ୍ଦ୍ରାଣୀ ମୁର୍ମୁ, ପ୍ରଦୀପ ମାଝୀ, ଅନୁଭବ ପଟ୍ଟନାୟକ, ଲେନିନ୍ ମହାନ୍ତି, ସୁଲତା ଦେଓ, ସଞ୍ଜୟ ବାବୁ, ଶ୍ରୀମୟୀ ମିଶ୍ର, ଚିନ୍ମୟ ସାହୁ, ହରୀଶ ଚୌଧୁରୀ, ଗୌତମବୁଦ୍ଧ ଦାସ, ଅମିତ ମଲ୍ଲିକ, ତୁମ୍ବନାଥ ପଣ୍ଡା, ଓମ୍ ପ୍ରକାଶ ସାହୁ, ପ୍ରିୟବ୍ରତ ମାଝୀଙ୍କୁ ମୁଖପାତ୍ର ଦାୟିତ୍ୱ ଦେଇଛି ଦଳ । ସେହିଭଳି ୯ ଜଣଙ୍କୁ ମିଡ଼ିଆ ପ୍ୟାନେଲିଷ୍ଟ ଦାୟିତ୍ୱ ଦେଇଛି ବିଜେଡି । ଇପସିତା ସାହୁ, ମଧୁସ୍ମିତା ନାୟକ,ସୋଫିଆ ଆଲମ, ମହିକସୀତା ମିଶ୍ର, ଲୋରା ମହାପାତ୍ର, ସ୍ୱାଗତିକା ମହାନ୍ତି, ମିହିର ରାୟ, ସ୍ୱୟଂ ପ୍ରକାଶ ମହାପାତ୍ର ଓ ଅପୂର୍ବା ଅପରୁପାଙ୍କୁ ମିଡ଼ିଆ ପ୍ୟାନେଲିଷ୍ଟ ଦାୟିତ୍ୱ ମିଳିଛି ।

ଆସୁଛି ନୂଆ ବରଷ
ଦୁର୍ଯ୍ୟୋଧନ ଚଣ୍ଡୀ

ଆସୁଛି ନୂଆ ବରଷ
ଲାଗୁଚି କେଡେ ହରଷ,

ହୃଦୟେ ଲାଗେ ସରସ
ଆନନ୍ଦେ ହୋଇ ଉଲ୍ଲାସ,

ଦୁଃଖ ଭୁଲି ସୁଖେ ଆଶ
କେବେ ନ ହୋଇ ନିରାଶ,

ଆସୁ ଯେ ଝଡ଼ ବତାସ
ବିହଙ୍ଗ ପରାଏ ବାସ,

ଭୁଲି ଯିବା ଭୋକ ଶୋଷ
କର୍ତ୍ତବ୍ୟକୁ କରି ଶେଷ,

ବରଷକୁ ବାର ମାସ
ଫୁଟୁଥାଉ ମୁଖେ ହସ,

ଭୁଲିଯାଅ ରାଗରୋଷ
ନ ରଖନ୍ତୁ ଅବଶୋଷ,

ମାତା ପିତାଙ୍କ ଆଶିଷ
ହୋଇବା ଭଲ ମଣିଷ,

ରଖିବା ଆମେରେ ଯଶ
ହୋଇବ ଯେ ଇତିହାସ,

କୁଶଳେ ରଖିବେ ଇଶ
କହଇ ଯେ ଚଣ୍ଡୀ ଦାସ,

ଗ୍ରାମ- ଡାଲଗୁମା
ବ୍ଲକ- କୋକସରା, କଳାହାଣ୍ଡି

ନୂଆ ବରଷ ହେ ନୂଆ ବରଷ
ରମେଶ ଚନ୍ଦ୍ର ନାୟକ ଞ ଞ

ନୂଆ ବରଷ ହେ ନୂଆ ବରଷ
ପ୍ରଣାମ କରୁଛୁ ଦିଅ ଆଶିଷ,
ହସ ଖୁସି ନେଇ ଆସିଛ ତମେ
ମାନ ଅଭିମାନ ନ ରଖି ମନେ,
ମନକୁ ଆମର କର ସନ୍ତୋଷ
ନୂଆ ବରଷ ହେ ନୂଆ ବରଷ ।

ନୂତନ ବାରତା ଆମକୁ ଦିଅ
ଉନ୍ନତି ପଥରେ ଫୁଲ ବିଛାଅ,
ନୂଆ ନୂଆ କେତେ ପ୍ରେରଣା ପାଇ
ଏ ଦେଶ ଜାତିକୁ ନେବୁ ଆଗେଇ,
ନୂତନ ଆହ୍ୱାନେ କର ହରଷ
ନୂଆ ବରଷ ହେ ନୂଆ ବରଷ ।

ନୂତନ ଆଲୋକେ ଦେଖାଅ ପଥ
ବାପୁଜୀ ନେହେରୁ ପୀରତି ମନ୍ତ୍ର,
ଟିକି ଟିକି ଆମେ ସଇନ ସାଜି
ଦେଶ ପାଇଁ ପ୍ରାଣ ଦେବାକୁ ରାଜି,
ମନରେ ଆମର ଦିଅ ସାହସ
ନୂଆ ବରଷ ହେ ନୂଆ ବରଷ ।

ଘେନି ଯାଅ ଆମ ଠାରୁ ବାରତା
ଦୂର କର ବାରେ ଆମରି ଚିନ୍ତା,
ନାହିଁ ପଛ ଘୁଂଚା ଆଗୁଆ ହେବୁ
ସୁଭାଷ ଭଗତ ବାଜି ହୋଇବୁ,
ଜନଗଣ ମନ ଆମ ସନ୍ଦେଶ
ନୂଆ ବରଷ ହେ ନୂଆ ବରଷ ।
ଞଞଞଞଞଞ

କେଶରପୁର, ବକ୍ସି ବଜାର, କଟକ
ମୋ : ୭୯୭୮୧୫୧୭୧୦

ନବ ବରଷ
ଶ୍ରୀ ଟଙ୍କଧର ଶତପଥୀ

ଦିବସ ସପ୍ତାହ ମାସ ବରଷ
ବିତିଲା ବାଇଶି ହୋଇ ହରଷ ।
କାହାକୁ ଦେଇଛି ଅମାପ ସୁଖ
କିଏ ବା ପାଇଛି ଅନେକ ଦୁଃଖ ।
ଲାଭକ୍ଷତି ପୁଣି ହସ ଓ କାନ୍ଦ
ଆନନ୍ଦ ବିଷାଦ ଭଲ ଓ ମନ୍ଦ ।
ଶଗଡ ଚକଟା ଘୁରୁଛି ସଦା
କେବେ ସେ କଠିନ କେବେ ସେ ସାଧା ।
ସମତଳ ନୁହେଁ ଚାଲିବା ପଥ
ଘାତ ପ୍ରତିଘାତେ ଜୀବନ ରଥ ।
ରହି ନାହିଁ କେହୁ ରହିବେ ନାହିଁ
ଚାଲିଯିବେ ନିଜ ରୂପ ଦେଖାଇ ।
ତେଇଶି ଆସିବ ଅଛି ଅପେକ୍ଷା
ମିଳିବ ଆମକୁ ନାନା ସୁରକ୍ଷା ।
ନୂଆଁ ନୂଆଁ ଆଶା ହେବ ପୂରଣ
ନୂଆଁ ବରଷରେ ନୂଆ ଜୀବନ ।
ହେ ନୂଆ ବରଷ ଆସଗୋ ତୁମେ
ତୁମକୁ ବନ୍ଦନା କରୁଛୁ ଆମେ ।
ତୁମରି ପଣତ କାନିର ତଳେ
ନିରାପଦେ ରଖ ଆଶିଷ ବଳେ ?

+ ସୁନ୍ଦରପାଳ, ଅନୁଗୋଳ
ମୋ: ୯୯୩୮୨୬୪୪୭୬

ନୂଆବର୍ଷ ଆସିଲେ
ସୁଧାଂଶୁ ଶେଖର ଦ୍ୱିବେଦୀ

ନୂଆବର୍ଷ ଆସିଲେ
ଖାସି ମାଂସ, ଦେଶୀ କୁକୁଡ଼ା, ବ୍ରୟଲର ଓ
ମାଛର ଭାଉ ବଢିଯାଏ।
ଜମାଲ ମିଆଁ, ଟାଙ୍ଗରା ଦାଦା ଏବଂ
କୁନା କେଉଟକୁ ଆଦୌ ଫୁରସତ ମିଳେନି।

ମଲା ଖାସିରୁ ଚମଡା ଛଡ଼େଇବା,
ବ୍ରୟଲରକୁ ପିସ ପିସ କରି କାଟିବା,
ମାଛରୁ କାତି ଛଡ଼େଇବାରେ
ବେହାଲ ହୋଇଯାଆନ୍ତି ସେମାନେ।
ପାର୍କ, ନଦୀ ପଠା, ସମୁଦ୍ର କୂଳ, ବଣ,
ପାହାଡ଼
ସବୁଠି କୋଳାହଳମୟ,
ସବୁଠି ଆମିଷର ବାସ୍ନା ବାଷ୍ପାୟିତ।

ନୂଆବର୍ଷ ଆସିଲେ-
ବାର, ରେଷ୍ଟୁରାଣ୍ଟ, ହୋଟେଲର ଦ୍ୱାର
୨୪ ଘଣ୍ଟିଆ ଖୋଲା ରହେ।
ମଦନ ବାବୁ, ବୈରାଗୀ ଦାସ, କୁନୁ କୁଣ୍ଡୁଙ୍କ
ଟ୍ରେଜେରୀ, ବ୍ୟାଙ୍କ ବାଲାନ୍ସ ମା' ବେଙ୍ଗର
ପେଟ ଫୁଲିଲା ଭଳି ବଢିଯାଏ।

ବିୟର, ରମ, ହ୍ୱିଷ୍କ ଓ ଆଉ
ଯେତେସବୁ ମଦରେ ମସଗୁଲ ହୁଅନ୍ତି
ନିଜକୁ ଚିହ୍ନିପାରୁ ନଥିବା ମଣିଷମାନେ,
ଆସର ଜମେ ଟୁଣ ଟାଣ ଶବ୍ଦରେ
ସିଗାରେଟର ଧୂମ୍ର କୁଣ୍ଡଳୀରେ।

ନୂଆବର୍ଷ ଆସିଲେ-
ଗଦା ଗଦା ସଂକଳ୍ପର ପାହାଡ଼ ସୃଷ୍ଟି ହୁଏ,
ପ୍ରେମ-ପ୍ରତାରଣାର ଫିକରାତି ଚାଲେ,
ନାହିଁ ନଥିବା ସମ୍ମିଳନୀ, ଉଦଘାଟନ,
ପୂଜା-ଆରତୀ, ଆମନ୍ଦ-ମହୋତ୍ସବରେ
ଧରାର ଧଇଁ ବାହାରି ପଡେ।

ତଥାପି ନୂଆବର୍ଷ ଆସେ-ଯାଏ,
ପୁଣି ଏକ ନୂଆବର୍ଷ ଆସିବାକୁ
ସମୟର କଣ୍ଟା ଘୁରୁଥାଏ
ଦିନ, ମାସ,ବର୍ଷର ସ୍ମୃତିକୁ ଭୁଲି
ଗଢିବାକୁ ହୁଏ ଜୀବନ କାହାଣୀ।

ବିସି-୭୪, ସଲଟ ଲେକ, କଲକାତା-୬୪
ମୋ-୯୬୮୧୩୭୩୫୧୨

ନବ ବର୍ଷର ଅଭିନନ୍ଦନ
ନୂତନ କୁମାର ବେହେରା

ଅଭିନନ୍ଦନ ଅଭିନନ୍ଦନ
ନବ ବର୍ଷର ଅଭିନନ୍ଦନ,
ହୃଦୟର ଏହି ମୋ ସ୍ପନ୍ଦନ
ଶ୍ରଦ୍ଧାରେ କରୁଅଛି ଜ୍ଞାପନ।
ଅଭିନନ୍ଦନ.....
ସମୟର ସ୍ରୋତ ଧାବମାନ
ହିସାବ ତ ତାର ଅକଳନ,
ଚାଲିଗଲେ ଥରେ ଏଇ ଦିନ
ସ୍ମୃତି ତାର ଝୁରେ ଖାଲି ମନ।
ଅଭିନନ୍ଦନ.....
ଋତୁ ବଦଳେ ବଦଳେ ମନ
ଦୁଃଖ ରହେ ନାହିଁ ଚିରଦିନ,
ଖରା ଛାଇ ପରି ଘନ ଘନ
ବଦଳୁଥାଏ ସେ ନିତିଦିନ।
ଅଭିନନ୍ଦନ.....
ଅତୀତ ସ୍ମୃତି ସାଇତା ସପନ
ମନେ ତଳେ ଥାଏ ସେ ଗୋପନ,
ପ୍ରେରଣା ବୀଜ କରି ବପନ
ଭବିଷ୍ୟତକୁ କରେ ଆହ୍ୱାନ।
ଅଭିନନ୍ଦନ.....
ଆଜିର ଦିନ ହୋଇ ସୁଦିନ
କାଲିକୁ ଆସୁ କରି ଯତନ,
ସଫଳ ହେଉ ଏଇ ଜୀବନ
ଆନନ୍ଦେ ନାଚିବ ଏ ଭୁବନ।
ଅଭିନନ୍ଦନ.....
ଭାଇ ବନ୍ଧୁ ଆତ୍ମୀୟ ସଜନ
ସଙ୍ଗେ ଯେତେ ପରିବାର ଜନ,
ସଭିଙ୍କର ସୁସ୍ଥ ରହୁ ପ୍ରାଣ
ଦୂରେଇ ଯାଇ ଦୁଃଖର ଦିନ।
ଅଭିନନ୍ଦନ.....
ଆତ୍ମବିଶ୍ୱାସରେ ରଖି ଧ୍ୟାନ,
ସଫଳ ହେଉ ଆଖିର ସପନ,
ଶ୍ରମ ସାଧନାରେ ଦେଇ ମନ
ମିଳୁ ସଭିଙ୍କୁ ଯଶ ସମ୍ମାନ।
ଅଭିନନ୍ଦନ.....
ସବୁରି କଲ୍ୟାଣେ ପ୍ରତିଦିନ
ରହିଥାଉ ସତ୍ ଆଚରଣ,
ଏ ମନବଜାତି ହେଉ ଧନ୍ୟ
ବସୁଧାରେ ଭରି ଧନଧାନ୍ୟ।
ଅଭିନନ୍ଦନ.....

କୋହି(ବାରିପଦା)ମୟୂରଭଞ୍ଜ
ମୋ: ୯୩୪୮୯୭୯୨୪୨

ନୂଆ ବରଷ
ଜୟଶ୍ରୀ ପଟ୍ଟନାୟକ

ନୂଆ ବରଷ ରେ ନୂଆ ବରଷ
ଭରିଦେ ସବୁରି ସୁଖ କଳସ
ନୂଆ ଭାବନାରେ ନୂଆ ଚେତନାରେ
ହେଉ ସଭିଙ୍କର ଭାଗ୍ୟ ବିକାଶ ।
ନୂଆ ସୂରୁଜ ଉଇଁଲା ଆକାଶେ
ନୂଆ କିରଣ ବିଞ୍ଚି ଚଉପାଶେ
ସୁଖ ଶାନ୍ତିର ବାରତା ଆଣି
ଆସିଛି ଦୂଆରେ ନୂଆ ବରଷ ।
ଅତୀତର କଥା ମନୁ ଭୁଲାଇ
ନୂଆ କାମରେ ଯିବା ଆଗେଇ
ଅଲେଖା ବହି ଯିବା ଲେଖିଦେଇ
ମନେ ଭରିଦେଇ ନବ ଉନ୍ମେଷ ।
ଫୁଲ ବନ ଲତା ହସିଉଠେ ଆଜି
ନୂଆ ଗହଣାରେ ନିଜକୁ ସାଜି
ନୂଆ ସପନେ ହସେ ବୃକ୍ଷରାଜି
ପୁଣି ଗଛଲତା ପ୍ରାଣୀ ବିଶେଷ ।
ଅଧା ରହିଥିବା ସବୁ କାମକୁ
ପୁରା କରିଦେବା ନୂଆ ବର୍ଷକୁ
ସମୟ ତ ଅଟେ ନଇର ସୁଅ
ଆଜି ଅଛି କାଲି ସରେ ଆୟୁଷ ।

ନୂଆ ବରଷରେ ନୂଆ ବରଷ
ସବୁରି ଅଧରେ ଭରିଦେ ହସ
ଚିନ୍ତା ଚେତନାରେ ସଭିଙ୍କ ଆଜି
ଭରି ଦେଇଯାଅ ନୂଆ ଉଚ୍ଛ୍ୱାସ ।
ସବୁରି ଜୀବନ ଖୁସିରେ କଟୁ
ଅନ୍ଧକାର ପଥ ଜୀବନୁ ହଟୁ
ନୂଆ ଗୀତି ଗାଇ ମନ ହୃଦୟ
ହୋଇଯାଉ ଆଜି ଟିକେ ହରଷ ।
ମଧୁ ମୂର୍ଚ୍ଛନାରେ ଭରୁ ଜୀବନ
ଆଶା ର ଆଲୋକେ ହେଉ ପୂର୍ଣ୍ଣ
ଯଶ ଐଶ୍ୱର୍ଯ୍ୟରେ ଭରୁ ଜୀବନ
ସଭିଙ୍କ ମନକୁ କରି ସରସ ।
ନୂଆ ସଙ୍ଗୀତ ଜୀବନ ଗାଉ
ଆଶା ବୈତରିଣୀ ପୂର୍ଣ୍ଣ ହେଉ
ହାତକୁ ହାତରେ ମିଳାଇ ସବୁ
ଲେଖିବା ଚାଲ ନୂଆ ଇତିହାସ ।
ନୂଆ ବରଷ ରେ ନୂଆ ବରଷ
ଦିଅ ଆମକୁ ସେହି ଆଶିଷ
ଶାନ୍ତି ସଂହତିରେ ବିତୁ ବରଷ
ଜୀବନ ହେଉ ସୁଖ ସରସ ।

ଗଙ୍ଗନଗର, ଭୁବନେଶ୍ୱର

ନବ ବର୍ଷର ଶୁଭେଚ୍ଛା
ଅମିତ୍ କୁମାର ବେହେରା

ନୂତନ ବରଷକୁ ସଭିଙ୍କୁ ସ୍ୱାଗତ, ଶୁଭେଚ୍ଛା ଓ ଅଭିନନ୍ଦନ,
ନୂଆ ନୂଆ ଭାବରେ, ନୂଆ ଗୀତ ତାଳରେ ନାଚି ଯାଉ ତନୁ ମନ ।

ନବବରଷ ର ନବୀନ ରଙ୍ଗରେ ମନ ରଙ୍ଗାୟିତ ହେଇଯାଉ,
ପୁରୁଣା ଦିନର କଳାରଙ୍ଗ ଯେତେ ମନରୁ ଲିଭି ଯାଉ ।

ସବୁ ଦୁଃଖ ଭୁଲି ଅତୀତକୁ ଗୁରୁ ମାନି ଦେଖ ରେ ନବୀନ ସପନ
କର ନୂଆ ସଂକଳ୍ପ, କର ଦୃଢ଼ ପ୍ରୟାସ, ସାକାର କର ଯାହା ଭାବୁଛି ମନ ।

ନବବରଷର ନୂଆ ସକାଳ ଆସୁ ଶାନ୍ତି ମୈତ୍ରୀ ର ବାର୍ତ୍ତା ନେଇ,
ସମ୍ପର୍କକୁ ଯୋଡି ଶତ୍ରୁତାକୁ ଭୁଲି ରୁହରେ ଏକାଠି ହୋଇ ।

ହିଂସା ଅହଙ୍କାର ଈର୍ଷା ଦ୍ୱେଷ ବିଚାର ନ ହେଉ ମନରେ ଜାତ,
ସ୍ନେହ ପ୍ରେମ ଶ୍ରଦ୍ଧାର ବୀଜରେ ପୂର୍ଣ୍ଣ ହେଉ ତୁମ ଚିତ୍ତ ।

ଦୁଃଖ-କଷ୍ଟ, ରୋଗ-ବ୍ୟାଧି, ରାଗ-ରଷା ସବୁ ହେଇ ଯାଉ ଶୂନ
ହସ ଖୁସି ରେ, ଧନ ଧାନ୍ୟ ରେ ଭରି ଯାଉ ସାରା ଜୀବନ ।

ମହବାହୁଙ୍କ ଚରଣ ରେ ମୁଁ କରୁଛି ପ୍ରାର୍ଥନା ଭଲ ରେ ବିତୁ ସବୁ ସମୟ
ଅହିଂସାର ପଥରେ ସେବା ଧର୍ମ ଭାବରେ ଲାଗି ରହୁ ତୁମ ହୃଦୟ ।

ବରହମପୁର,ବାଲେଶ୍ୱର
ଶବଳକଣା, ମାହାଙ୍ଗା, କଟକ
ମୋ: ୮୯୦୮୪୮୯୩୨୯

ଅପେକ୍ଷା ତୁମକୁ ହେ ନୂଆଁ ସକାଳ
ସୁବ୍ରତ କୁମାର ପ୍ରଧାନ

ସମୟର ଚଉହଦୀ ଶ୍ମଶାନ ବୁକୁରେ
ଜଳେ ତୁମ ଅବୟବ
ଦିନ ସିନା ଚାଲିଯାଇଛି
ସ୍ମୃତି ହୋଇ ରହିଯାଇଛ ତୁମେ।
ଆସିଥିଲ ଦିନେ ଅସୁମାରୀ
କଳ୍ପନାକୁ ନେଇ ।
କିଛି ଘଟଣା ଦୁର୍ଘଟଣା ଭିତରେ
ଦୁଶ୍ଚିଭୂତ କରି ଚାଲିଗଲ।
ତଥାପି ଗୁମୁରି କାନ୍ଦୁଛି ଏ କବି ଆଣୁଛି ତୁମ
ନାମରେ
ଶତ ଅଭିଯୋଗ।
ମୁଠାଏ ଶୂନ୍ୟତା ଓ ଅବଶୋଷରେ
ବିଜଡ଼ିତ ବାରମାସ।
ଶକୁନିର ପଶା ରେ ଅସଂଖ୍ୟ
ରାବଣ ରାଜୁତି
ସରିନି କୃଷ୍ଣ ଙ୍କର ଏରାକାର
ବନର ଦୁଃଖଦ ଘଟଣା।
ଇନ୍ଦ୍ରଜାଲେ ଛନ୍ଦି ହୁଏ ନିରିହ ମଣିଷ।
ତଥାପି ସ୍ୱପ୍ନ ମରିନି ଆଖିରୁ
ପ୍ରେମ ସରିନି ହୃଦୟରୁ।
ସ୍ମୃତି ହୋଇ ରହିଯାଇଛ ୨୦୨୨ ।
ଶୀତର ନିର୍ଜନତା ଦୂର କରି
ସୁଖ ସମୃଦ୍ଧି ର ପ୍ରତିଶ୍ରୁତି ଦେଇ
ଚାଲି ଆସିବ ଜରି ଗୋଟାଳି ଝିଅର
ପଣତ କାନି ରେ ଆଉ
ଗୁମସୁମ୍ ପାଣିଚିଆ ନିଃଶବ୍ଦ ରାତିରେ।
ଅପେକ୍ଷା ତୁମକୁ ହେ ନୂଆଁ ସକାଳ
ତୁମେ ଆସିଗଲା ପରେ ଦେଖିବିନି ପାଞ୍ଚାଳୀ
ହରଣ ଅବା
ଅବିଶ୍ୱାସ ପ୍ରେମ।
ବର୍ଣ୍ଣାଢ଼୍ୟ ଜୟଯାତ୍ରାରେ ବିଶ୍ୱ ହେବ
ସ୍ପର୍ଧିତ ଓ ପୁଲ୍କକିତ।
କୃଷକ ହାତରେ ଧରାଇବ
ସୁବର୍ଣ୍ଣ ର ଥାଳି।
ଗଢ଼ିବାର ଦେବ ବିପୁଳ ସାମର୍ଥ୍ୟ
ଓ ପ୍ରଚଣ୍ଡ ପ୍ରେରଣା।
ଅର୍ଥ ର ଛକାପଞ୍ଜା ଖେଳରେ
ବଳି ନପଡିବ ସାମୁହିକ ସ୍ୱାର୍ଥ।
ଫୁଙ୍ଗୁଳା ଛାତିରେ ଝରୁ
ସମବେଦନାର ସ୍ପର୍ଶ।
ଝାଉଁଳା ବଣମଲ୍ଲୀକୁ ଦେବ
ଉନ୍ମେଷ ର ନବ ପରିଚୟ।
ବଦଳିବ ଏ ଦେଶର ବିକଳ ଚରିତ୍ର।
ସ୍ୱପ୍ନ ସମ୍ଭାବନାରେ
ଧସେଇ ପଶିଲାଣି ନବବର୍ଷ।
ଏରୁଣ୍ଡି ବନ୍ଧରେ ଗୋଡ଼ ଥାପି
କରୁଛି ତୁମକୁ ସମ୍ଭାଷଣ ।

ଗୋପୀବଲ୍ଲଭପୁର, କୋଶଳା
ଅନୁଗୋଳ-୭୫୯୧୩୦
ମୋ - ୯୮୬୧୯୭୦୪୧୮

ନୂଆ କବିତାଟିଏ ନୂଆବର୍ଷରେ
ନିରଞ୍ଜନ ସାହୁ

ହେ ନୂଆବରଷ ! ଦେଇଯା' ପରଶ
ମନରେ ହରଷ ଆଣ
ତବ ଆଗମନେ ତବ ସମ୍ଭାଷଣେ
ବାଜେ ବାଜା , ଫୁଟେ ବାଣ ।

ନୃତ୍ୟ ସଙ୍ଗୀତର ତାଳେ ତାଳେ ଆଜି
ଉଛୁଳି ଉଠୁଛି ଧରା
ମନ୍ଦିର,ମସଜିଦ,ଗୀର୍ଜା , ଗୁରୁଦ୍ୱାରେ
ପ୍ରାର୍ଥନା ଚାଲିଛି ପରା ।

ଅଭିନନ୍ଦନର ଶୁଭେଚ୍ଛା ଛୁଟୁଛି
ସଭିଏଁ ତ ଉଜାଗର
କେତେବେଳେ ଆସି ପହଂଚି ଯିବ ହେ
ଘଣ୍ଟାରେ ସର୍ବେ ନଜର ।

ନୂଆ କ୍ୟାଲେଣ୍ଡର ନୂଆ ତାରିଖକୁ
ସଭିଏଁ ଅପେକ୍ଷା କରି
କି ନୂତନ ବାର୍ତ୍ତା ସାଥିରେ ଆଣିଛ
ଚାହିଁଛୁ ଚାତକ ପରି ।

ବଡ଼ ମନଦୁଃଖେ ପୁରୁଣା ବରଷ
ଆମଠୁଁ ବିଦାୟ ନିଏ
ଆମ୍ଭରି ଦାଇତ୍ୱ ତୁମ୍ଭରି ହାତରେ
ଆଜିଠୁଁ ସମର୍ପି ନିଏ ।

ହେ ନୂତନ ବର୍ଷ !!! ଭରିଦିଅ ହର୍ଷ
ଏତିକି କାମନା ଥାଉ
ନୂଆ ବରଷର ପହିଲି ପୁଲକେ
ସବୁ ଦୁଃଖ ଦୂର ଯାଉ ।

ନିହଲ ପ୍ରସାଦ , ଗଁଦିଆ
ଢେଙ୍କାନାଳ - ୭୫୯୦୧୬
ମୋ :- ୯୯୩୮୭୪୧୫୮୩

ନବବର୍ଷ ସ୍ୱାଗତମ
ଶୁଭଶ୍ରୀ ମହାପାତ୍ରଞ୍ଚ

ବିଗତ ବର୍ଷକୁ ବିଦାୟ ଦେଉଛି
ନବ ବର୍ଷ ସ୍ୱାଗତମ
ନୂଆ ସକାଳର ନୂଆ ସୁରୁଜଟି
ଦିଶେ କେଡେ ତେଜିଆନ..

କେତେ ନୂଆ ନୂଆ ବାରତା ଆସିଛି
ମନରେ ବିଶ୍ୱାସ ଭରି
ନୂଆ ବରଷର ନୂଆ ଆହ୍ୱାନଟି
ହୃଦେ ବାନ୍ଧେ ସ୍ନେହ ଡୋରି..

ଦୁଃଖ ଶୋକ ଭୟ ଯେତେ ଯାହା ଅଛି
କର ଏ ଦେଶରୁ ଦୂର
ସବୁରି ହୃଦୟ ଫିଟାଇ ଦିଅ ହେ
ସେନେହ ପୀରତି ଝର..

ନୂଆ ବର୍ଷ ଭାବେ ଦୁଇ ହଜାର ତେଇଶି
ଆଜି
ଆସିଛି ନୂଆ ଭାବନା
କଅଁଳ ଓଠର ମିଠା ମିଠା ହସ
ଉଠୁ ଏ ନୂତନ ବର୍ଷ..
ଇଶ୍ୱରଙ୍କ ପାଖେ ଏତିକି କାମନା
ଦିଅ ପ୍ରଭୁ ସୁଭାଶିଷ....

ଶବଳକଣା, ମାହାଙ୍ଗା,
କଟକ

ଅଭିନନ୍ଦନ ନୂଆ ବର୍ଷ ୨୦୨୩
ଈଶ୍ୱର ମଙ୍ଗରାଜଞ୍ଚ ଞ

ଅଭିନନ୍ଦନ ନୂଆ ବର୍ଷ ତେଇଶ
ପ୍ରକୃତି ନିୟମ ନେଇ
ବାଇଶି ଅତୀତ ସ୍ମୃତି ରଖି ଶେଷ
ନୂତନ ଆସିବ ଯହିଁ ।

ପୂନଃ ଆର୍ବିଭାବ କରୋନା ଆସିବ
ଦେଶ ବାସୀ ଆତଙ୍କିତ
ବିଦେଶ ତାରଟି ଚାଲିଛି ପ୍ରଭାବ
ଆମ ଓଡ଼ିଶା ଓ ଭାରତ
ରୋକିକି ପାରିବ ସକ୍ଷ।
ନୂଆ ନୂଆ ଲୋକେ କରନ୍ତି ଆଦର
ନୁଆଟି ପୁରୁଣା ପକ୍ଷ
ଭଲ ମନ୍ଦ ନେଇ ରୂପଟି ବିସ୍ତାର
କାହାର ଦୁଃଖ ଓ ସୁଖ
ନୂଆ ବର୍ଷଟି ପରଖ।

ଖୋର୍ଦ୍ଧା- ୭୫୨୦୫୬
ମୋ:୯୪୩୭୦୬୩୧୨୬

୨୦୨୩ ନବବର୍ଷର ଶୁଭେଚ୍ଛା

ନବବର୍ଷ ଉପଲକ୍ଷେ ସମସ୍ତ ଭାଇଭଉଣୀଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ । ଅସତ୍ୟ ଉପରେ ସତ୍ୟର ଓ ଅନ୍ୟାୟ ଉପରେ ନ୍ୟାୟର ଜୟ ହେଉ । ଏହି ନୂଆବର୍ଷ ସମସ୍ତଙ୍କ ପାଇଁ ସୁଖ ଶାନ୍ତି ଓ ସମୃଦ୍ଧିର ବର୍ଷ ହେଉ, ଏହାହିଁ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା ।

ଶ୍ରୀମତୀ ଅଞ୍ଜଳି ପଣ୍ଡା
କବୀ ତଥା ସୁସାହିତ୍ୟିକା, ବାଲେଶ୍ୱର

୨୦୨୩ ନବବର୍ଷର ଶୁଭେଚ୍ଛା

ନୂଆବର୍ଷ ଉପଲକ୍ଷେ ଓଡିଶାର ସମସ୍ତ ଭାଇଭଣୀଙ୍କୁ ମୋର ଶୁଭେଚ୍ଛା ଓ ଅଭିନନ୍ଦନ । ଏହି ଅବସରରେ ଆସନ୍ତୁ ସବୁ ଭେଦଭାବ ଭୁଲି ସମସ୍ତଙ୍କର ବିକାଶ ପାଇଁ ଶପଥ ନେବା ସଙ୍ଗେ ସଙ୍ଗେ ଏକ ସମୃଦ୍ଧ ଓ ସଚେତନଶୀଳ ସମାଜ ଗଠନ କରିବା ପାଇଁ ସାମୂହିକ ଉଦ୍ୟମ ଜାରି ରଖିବା ।

ମିନତୀ ରାଣୀ ବେହେରା
ଅଧ୍ୟକ୍ଷା, ଯୋଗେନ୍ଦ୍ର ଆଞ୍ଚଳିକ ମହାବିଦ୍ୟାଳୟ, ଆଙ୍କ, ରୂପ୍ସା

୨୦୨୩ ନବବର୍ଷର ଶୁଭେଚ୍ଛା

ନୂଆବର୍ଷ ଉପଲକ୍ଷେ ସମସ୍ତଙ୍କୁ ଅନେକ ଅନେକ ଶୁଭେଚ୍ଛା ଓ ଅଭିନନ୍ଦନ । ଏ ନବବର୍ଷ ୨୦୨୩ ସମସ୍ତଙ୍କ ପାଇଁ ସୁଖ, ସମୃଦ୍ଧି ଓ ଶାନ୍ତିର ବର୍ଷ ହେଉ ଏତିକି ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା ।

ଡ଼. ତପନ କୁମାର ବେହେରା
ଅଧ୍ୟକ୍ଷ, ନୀଳମଣି ମହାବିଦ୍ୟାଳୟ, ରୂପ୍ସା, ବାଲେଶ୍ୱର

୨୦୨୩ ନବବର୍ଷର ଶୁଭେଚ୍ଛା

ନୂଆବର୍ଷ ସମସ୍ତଙ୍କ ପାଇଁ ଶୁଭଙ୍କର ହେଉ, ସମସ୍ତଙ୍କ ପ୍ରାଣରେ ଭରିଦେଉ ଆନନ୍ଦ ଓ ଉତ୍ସାହ । ସମସ୍ତଙ୍କ ଚଲାପଥ ପୁଷ୍ପିତ ହେଉ, ସମସ୍ତେ ମିଳିମିଶି ସମୃଦ୍ଧ ଓଡିଶା ଗଠନର ସ୍ୱପ୍ନକୁ ସାକାର କରିବା ଦିଗରେ ଉଦ୍ୟମ କରନ୍ତୁ, ଏତିକି କାମନା ।

ଗୋପାମୁଦ୍ରା ମହାପାତ୍ର
ସମାଜସେବୀ, ବାଲେଶ୍ୱର

୨୦୨୩ ନବବର୍ଷର ଶୁଭେଚ୍ଛା

ନୂଆବର୍ଷରେ ବାଲେଶ୍ୱରରସମସ୍ତ ଭାଇ ଭଉଣୀଙ୍କୁ ମୋର ଆନ୍ତରିକ ଅଭିନନ୍ଦନ ଓ ଶୁଭେଚ୍ଛା । ପ୍ରଭୁ ଶ୍ରୀଜଗନ୍ନାଥ ସମସ୍ତଙ୍କ ଜୀବନକୁ ସୁସ୍ଥ ଓ ନିରାମୟ ରଖନ୍ତୁ ଏତିକି ପ୍ରାର୍ଥନା । ଏହି ନୂଆବର୍ଷ ସମସ୍ତଙ୍କ ପାଇଁ ସୁଖ ଶାନ୍ତିର ବର୍ଷ ହେଉ ।

ମାନସ କୁମାର ଦତ୍ତ
ରାଜ୍ୟ ଉପସଭାପତି, ବିଜେପି ଯୁବମୋର୍ଚ୍ଚା, ବାଲେଶ୍ୱର

୨୦୨୩ ନବବର୍ଷର ଶୁଭେଚ୍ଛା

ନୂଆବର୍ଷ ସମସ୍ତଙ୍କ ଜୀବନରେ ନୂତନ ଉତ୍ସାହ ସୃଷ୍ଟି କରୁ ଓ ହଜିଯାଇଥିବା ସ୍ମୃତିକୁ ଉଜ୍ଜିବୀତ କରୁ । ଏହି ଅବସରରେ ସମସ୍ତଙ୍କୁ ମୁଁ ମୋର ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଛି । ସମସ୍ତଙ୍କର ଜୀବନ ମଙ୍ଗଳମୟ ହେଉ । ପ୍ରଭୁ ଶ୍ରୀ ଜଗନ୍ନାଥ ସମସ୍ତଙ୍କୁ ସୁଖ ଶାନ୍ତିରେ ରଖନ୍ତୁ ।

ଜୀବନ ପ୍ରଦୀପ ଦାଶ
ପୂର୍ବତନ ବିଧାୟକ, ବାଲେଶ୍ୱର

୨୦୨୩ ନବବର୍ଷର ଶୁଭେଚ୍ଛା

ନୂଆବର୍ଷ ଉପଲକ୍ଷେ ସମସ୍ତ ଭାଇଭଣୀଙ୍କୁ ମୋର ହାର୍ଦ୍ଦିକ ଶୁଭେଚ୍ଛା ଓ ସମସ୍ତଙ୍କ ପାଇଁ ଶୁଭକାମନା । ସମସ୍ତଙ୍କ ଚଲାପଥ କୁସୁମିତ ହେଉ, ଏହାହିଁ ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା ।

ସୁଜିତ୍ କୁମାର ଦେବ
ବରିଷ୍ଠ ବିଜେପି ନେତା, ବାଲେଶ୍ୱର

୨୦୨୩ ନବବର୍ଷର ଶୁଭେଚ୍ଛା

ନୂଆବର୍ଷ ଉପଲକ୍ଷେ ସମସ୍ତଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା । । ଆସନ୍ତୁ ସବୁ ଭେଦଭାବ ଭୁଲି ସମସ୍ତଙ୍କର ବିକାଶ ପାଇଁ ଶପଥ ନେବା ସହିତ ଏକ ସମୃଦ୍ଧ ଓ ସଚେତନଶୀଳ ସମାଜ ଗଠନ କରିବା ପାଇଁ ସାମୂହିକ ଉଦ୍ୟମ ଜାରି ରଖିବା ।

ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀ
ସଭାପତି, ଫକୀରମୋହନ ସାହିତ୍ୟ ପରିଷଦ, ବାଲେଶ୍ୱର

୨୦୨୩ ନବବର୍ଷର ଶୁଭେଚ୍ଛା

ନୂତନ ବର୍ଷ ୨୦୨୩ ସମସ୍ତଙ୍କ ପାଇଁ ଅଫୁରନ୍ତ ଆନନ୍ଦର ଉତ୍ସ ହେଉ । ଈଶ୍ୱର ମନସ୍କ ହୋଇ ସମସ୍ତେ ତାଙ୍କର ସୁରକ୍ଷିତ ହସ୍ତତଳେ ରହନ୍ତୁ । ଘରେ ଘରେ ଶାନ୍ତି, ସୁଖ ତଥା ସମୃଦ୍ଧିର ଆଶୀର୍ବାଦ ଆସୁ ।

ପ୍ରଣିତା ମିଶ୍ର
ସମାଜସେବୀ, ବାଲିଆ, ବାଲେଶ୍ୱର

୨୦୨୩ ନବବର୍ଷର ଶୁଭେଚ୍ଛା

ନୂଆବର୍ଷ ଉପଲକ୍ଷେ ସମସ୍ତ ଭାଇଭଉଣୀଙ୍କୁ ଅନେକ ଅନେକ ଶୁଭେଚ୍ଛା ଓ ଅଭିନନ୍ଦନ । ଏ ନବବର୍ଷ ସମସ୍ତଙ୍କ ପାଇଁ ସୁଖ, ସମୃଦ୍ଧି ଓ ଶାନ୍ତିର ବର୍ଷ ହେଉ ଏତିକି ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା ।

ଡା. କୁମାର ଗୋପାଳ
ପୂର୍ବତନ ସଂପାଦକ :
ଫକୀରମୋହନ ସାହିତ୍ୟ ପରିଷଦ, ବାଲେଶ୍ୱର

୨୦୨୩ ନବବର୍ଷର ଶୁଭେଚ୍ଛା

ନୂଆବର୍ଷ ସମସ୍ତଙ୍କ ଜୀବନରେ ନୂତନ ଉତ୍ସାହ, ଉଦ୍ଦୀପନା ସୃଷ୍ଟି କରୁ ଓ ହଜିଯାଇଥିବା ସ୍ମୃତିକୁ ଉଜ୍ଜିବୀତ କରୁ । ଏହି ଅବସରରେ ସମସ୍ତଙ୍କୁ ମୁଁ ମୋର ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଛି । ସମସ୍ତଙ୍କର ଜୀବନ ମଙ୍ଗଳମୟ ହେଉ ।

ପ୍ରଫେସର ଶତ୍ରୁଘ୍ନ ମଲ୍ଲିକ
ଦକ୍ଷ ସଂଗଠକ, ବାଲେଶ୍ୱର

୨୦୨୩ ନବବର୍ଷର ଶୁଭେଚ୍ଛା

ନୂଆବର୍ଷ ଉପଲକ୍ଷେ ସମସ୍ତ ଭାଇଭଣୀଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ । ନୂଆବର୍ଷ ସମସ୍ତଙ୍କ ପାଇଁ ଆଶା ଓ ଆକାଂକ୍ଷାର ବର୍ଷ ହେଉ,ସମସ୍ତଙ୍କୁ ସୁସ୍ଥ ଓ ନିରାମୟ ରଖୁ, ଏତିକି ମାତ୍ର ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା ।

ପୀତାମ୍ବର ଦାସ
ବିଶିଷ୍ଟ ଶିଶୁ ସାହିତ୍ୟିକ, ବାଲେଶ୍ୱର

୨୦୨୩ ନବବର୍ଷର ଶୁଭେଚ୍ଛା

ନୂଆବର୍ଷରେ ସମସ୍ତଙ୍କୁ ମୋର ଆନ୍ତରିକ ଅଭିନନ୍ଦନ ଓ ଶୁଭେଚ୍ଛା । ନୂଆବର୍ଷ ସମସ୍ତଙ୍କ ଜୀବନରେ ଆଣିଦେଉ ଖୁସି ଓ ଆନନ୍ଦ, ସମସ୍ତଙ୍କୁ ରଖୁ ସୁସ୍ଥ ଓ ନିରାମୟ, ଏତିକି ପ୍ରଭୁଙ୍କ ନିକଟରେ ପ୍ରାର୍ଥନା ।

ତଲିରାଣୀ ବ୍ରହ୍ମା
ସାହିତ୍ୟିକା ଓ ସାମ୍ବାଦିକା, ରାଉରକେଲା

୨୦୨୩ ନବବର୍ଷର ଶୁଭେଚ୍ଛା

ନବବର୍ଷ ଉପଲକ୍ଷେ ସମସ୍ତ ଭାଇଭଉଣୀଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି । ଏହି ନୂଆବର୍ଷ ସମସ୍ତଙ୍କ ପାଇଁ ସୁଖ, ଶାନ୍ତି ଓ ସମୃଦ୍ଧିର ବର୍ଷ ହେଉ, ଏହାହିଁ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା ।

ଇଂ. ହୃଷିକେଶ ସାହୁ
ଲେଖକ ଓ ସମାଜସେବୀ
ବାଲେଶ୍ୱର

୨୦୨୩ ନବବର୍ଷର ଶୁଭେଚ୍ଛା

ନୂଆବର୍ଷ ଉପଲକ୍ଷେ ସମସ୍ତ ବାଲେ(ବରବାସୀ ଭାଇଭଉଣୀଙ୍କୁ ଅନେକ ଅନେକ ଶୁଭେଚ୍ଛା ଓ ଅଭିନନ୍ଦନ । ଏ ନବବର୍ଷ ସମସ୍ତଙ୍କ ପାଇଁ ସୁଖ, ସମୃଦ୍ଧି ଓ ଶାନ୍ତିର ବର୍ଷ ହେଉ ଏତିକି ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା ।

ଶ୍ରୀକାନ୍ତ ଚରଣ ପାତ୍ର
ବରିଷ୍ଠ ସାହିତ୍ୟିକ, ଜଳେଶ୍ୱର

୨୦୨୩ ନବବର୍ଷର ଶୁଭେଚ୍ଛା

ନୂଆବର୍ଷ ଅବସରରେ ସମସ୍ତଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା । ଏହି ନୂଆବର୍ଷ ସମସ୍ତଙ୍କ ଜୀବନକୁ ଉଜ୍ଜ୍ୱଳମୟ କରୁ, ଶାନ୍ତି ଓ ପ୍ରଗତି ଆଣିଦେଉ । ଆସନ୍ତୁ ସମସ୍ତେ ମିଳିମିଶି ସଂକଳ୍ପବଦ୍ଧ ହୋଇ ସମସ୍ତଙ୍କର ଉନ୍ନତିକଳ୍ପେ କାମ କରିବା ସହ ସମସ୍ତଙ୍କର ସୁଖ ଶାନ୍ତି ପାଇଁ ଭଗବାନଙ୍କ ନିକଟରେ ପ୍ରାର୍ଥନା କରିବା ।

ପ୍ରଭାତ କୁମାର ଆଚାର୍ଯ୍ୟ
ବରିଷ୍ଠ ସାହିତ୍ୟିକ, ରୂପ୍ସା, ବାଲେଶ୍ୱର

୨୦୨୩ ନବବର୍ଷର ଶୁଭେଚ୍ଛା

ନୂଆବର୍ଷ ୨୦୨୩ ସମସ୍ତଙ୍କ ଜୀବନରେ ସୁଖ, ଶାନ୍ତି ଓ ପ୍ରଗତିର ବାର୍ତ୍ତା ବହନ କରୁ, ସମସ୍ତଙ୍କ ଜୀବନର ଚଲାପଥ କୁସୁମିତ କରୁ, ସମସ୍ତଙ୍କୁ ଦୁଃଖକଷ୍ଟ ଲାଘବ ହେଉ, ଏତିକି ହିଁ ଭଗବାନଙ୍କ ନିକଟରେ ପ୍ରାର୍ଥନା ।

ସ୍ମୃତି ଦାସ
ଗାଳ୍ପିକା ଓ ସମାଜସେବୀ, ମାଣିଖମ୍ବ, ବାଲେଶ୍ୱର

୨୦୨୩ ନବବର୍ଷର ଶୁଭେଚ୍ଛା

ନୂଆବର୍ଷ ସମସ୍ତଙ୍କ ପାଇଁ ଶାନ୍ତି, ମୈତ୍ରୀ ଓ ମାନବବାଦର ବର୍ଷ ହେଉ । ଏହି ଅବସରରେ ସମସ୍ତ ଭାଇ ଭଉଣୀମାନଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଆନ୍ତରିକ ଅଭିନନ୍ଦନ ଜଣାଉଛି । ପ୍ରଭୁ ସମସ୍ତଙ୍କ ଜୀବନରେ ଶ୍ରୀ, ଶାନ୍ତି ଓ ସମୃଦ୍ଧି ଭରିଦିଅନ୍ତୁ । ଏତିକି ହିଁ କାମନା ।

କଲ୍ୟାଣୀ ନନ୍ଦ
କବୀ ଓ ସମାଜସେବୀ, ବାଲେଶ୍ୱର

୨୦୨୩ ନବବର୍ଷର ଶୁଭେଚ୍ଛା

ନୂଆବର୍ଷ ସମସ୍ତଙ୍କ ଜୀବନକୁ ସରସ ସୁନ୍ଦର କରୁ, ସମସ୍ତଙ୍କ ଚଲାପଥ ପୁଷ୍ପିତ କରୁ, ସମସ୍ତଙ୍କ ଦୁଃଖ କଷ୍ଟକୁ ଲାଘବ କରୁ, ଏତିକି ହିଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା ।

ଡ. ଅରବିନ୍ଦ ଗିରି
ବରିଷ୍ଠ ଗବେଷକ ଓ ସାହିତ୍ୟିକ
ସମାଲୋଚକ, ବାଲେଶ୍ୱର

୨୦୨୩ ନବବର୍ଷର ଶୁଭେଚ୍ଛା

ନୂଆବର୍ଷ ଅବସରରେ ସମସ୍ତଙ୍କୁ ମୋର ଅଭିନନ୍ଦନ ଓ ଶୁଭେଚ୍ଛା । ଏହି ନୂଆବର୍ଷ ସମସ୍ତଙ୍କ ଜୀବନକୁ ସରସ ସୁନ୍ଦର କରୁ । ଶାନ୍ତି ଓ ପ୍ରଗତିର ସ୍ୱର୍ଣ ଦେଉ, ଏତିକି ଭଗବାନଙ୍କ ନିକଟରେ ପ୍ରାର୍ଥନା ।

ଚିତ୍ତରଂଜନ ବ୍ରହ୍ମା
ବରିଷ୍ଠ ଲେଖକ, ରାଉରକେଲା

୨୦୨୩ ନବବର୍ଷର ଶୁଭେଚ୍ଛା

ନୂଆବର୍ଷ-୨୦୨୩ର ଶୁଭ ଅବସରରେ ସମସ୍ତ ଭାଇଭଉଣୀମାନଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଓ ଅଭିନନ୍ଦନ । ନୂଆବର୍ଷସମସ୍ତଙ୍କ ପାଇଁ ଆଣିଦେଉ ଖଉସି ଓ ପୁଲକ, ଏତିକି ମାତ୍ର ପ୍ରଭୁଙ୍କ ନିକଟରେ ପ୍ରାର୍ଥନା ।

ହରିହର ବେହେରା
ଚେୟାରମ୍ୟାନ୍ କ୍ଲବ ମେମ୍ବର ଜୀବନବୀମା ନିଗମ, ବାଲେଶ୍ୱର ଶାଖା

ନୂଆ ବରଷ

ଜୟଶ୍ରୀ ଦାସ

ବଦଳାଇ ଦିନ ଦଣ୍ଡ ମାସ ଓ ବରଷ
ଧରାରେ ପାଦଦେଲା
ଦି-ସହସ୍ର ତେଇଶ
କେ କେତେ ରୋଶଣି କରି କରନ୍ତି ସ୍ୱାଗତ
ସତେ କି ଏ ସମୟକୁ କରିବେ ଆୟତ୍ତ

ବରଷ ବଦଳିବାରେ ଆଜି ନୂଆ କିବା
କାଳର ମହା ପ୍ରବାହେ କାଳଖଣ୍ଡ ଅବା
ଭୋଜିଭାତ ମହୋତ୍ସବ କାହିଁକି ଏପାଇଁ
ସମୟସୁଅକୁ କେବେ ରଖିହେବ ନାହିଁ

ସମୟର ଉପଯୋଗ ନପାରିଲେ କରି
ପ୍ରଗତି ବେଳରେ ନର ପଛେ ଥାଏ ପଡି
ନୂଆର ଛୁଆଁରେ ଏତେ ନୋହି ଉତ୍ସାହିତ
କରମରେ ଆମେ ମାତିଯିବା ଅବିରତ

ସାରା ସଂସାରର ଆମେ ପାଞ୍ଚିଲେ ମଙ୍ଗଳ
ବରଷ ପାଳନ ନିଶ୍ଚେ ହୋଇବ ସଫଳ।।

ତୃତୀୟ ବର୍ଷ ସ୍ନାତକ ଛାତ୍ରୀ, ଓଡ଼ିଆ ସମ୍ମାନ, କୃଷ୍ଣଚନ୍ଦ୍ର ପିପିଲି ମହାବିଦ୍ୟାଳୟ ଜଗାଇ । ବାଲିଆପାଳ, ବାଲେଶ୍ୱର
ମୋ :୯୩୩୭୪୩୦୯୦୩

ନୂଆବର୍ଷର ଅନୁଚିନ୍ତା

ବିପିନ ବିହାରୀ ମହାନ୍ତି

ଗତବର୍ଷ ପାଇଁ ତା' ପୂର୍ବବର୍ଷ ଶେଷଦିବସରେ ଆମେ ବହୁ ସ୍ୱପ୍ନ ଦେଖିଥିଲୁ ଯେ ଅନ୍ତତଃ ଆଗାମୀ ବର୍ଷଟି ସୁଖ-ସମୃଦ୍ଧି ଓ ଶାନ୍ତିରେ କଟିଯାଉ । ବ୍ୟକ୍ତିଗତ ଶୁଭ ମନାସିବା ସହିତ ବିଶ୍ୱର ମଙ୍ଗଳ ପାଇଁ ମଧ୍ୟ ବିଶ୍ୱନିୟନ୍ତାଙ୍କ ପାଖରେ ପ୍ରାର୍ଥନା କରିଥିଲୁ । କେହି ରୋଗରେ ଆକ୍ରାନ୍ତ ନ ହୁଅନ୍ତୁ; କେହି ଦୁଃଖ ନ ପାଆନ୍ତୁ; କାହାର ଅମଙ୍ଗଳ ନ ହେଉ; କେହି କାହାକୁ ପୀଡ଼ା ନଦେଉ; କାହାର ପେଟ ବା ପିଠିରେ ଅଭାବ ନଥାଉ; ମୁଣ୍ଡ ଗୁଞ୍ଜିବା ପ । ଇ ସମସ୍ତଙ୍କର ବ । ସ ଖ ଣ୍ଡ ଏ ଥା ଉ ; ନା ରୀ କ ପୁରୁଷ କେହି ନିର୍ଯାତିତ ନ ହୁଅନ୍ତୁ; ଧର୍ଷଣ କଷଣ କି ସେହି କାରଣରୁ କାହାର କେହି ଶିକାର ନ ହୋଇ ପ୍ରାଣ ତ୍ୟାଗ ନକରୁ; ପ୍ରକୃତି କାହା ପାଇଁ ପ୍ରତିକୂଳ ନ ହେଉ; ଅବୟସରେ କାହାର ପ୍ରାଣ ନଯାଉ; ସମସ୍ତେ ପରିପୁକ୍ତ ଏବଂ ପରିପୂର୍ଣ୍ଣ ବୟସ ବଂଚି ସୁଖରେ ଯାଆନ୍ତୁ । ଏମିତି ଅନେକ ଆଶାରେ ଶାନ୍ତିର ପୃଥିବୀଟିଏ ପାଇଁ ଦୀପମାନ ଜାଳି ଥିଲୁ ।

ଚାହୁଁ ଚାହୁଁ ଗତବର୍ଷଟି ଚାଲିଗଲା । କ'ଣ ଆଶା କରିଥିଲୁ ଆଉ କ'ଣ ଅଙ୍ଗେ ଲିଭାଇଲୁ; ଏପରି ଜଣା କଥାକୁ କହିବା କିଆଁ? କହିବୁ ନାହିଁ ସିନା, ଯାହାର ଯାହା ବ୍ୟକ୍ତିଗତ କ୍ଷତି ହୋଇଛି, ସେ କ'ଣ ତାକୁ ଭୁଲି ପାରିବ? ଅବଶ୍ୟ କିଛିଟା କ୍ଷତିର ଭରଣା ହୋଇପାରେ; ହେଲେ ଆଉ ଯାହା ଅପୂରଣୀୟ; ଯାହା ଖୋଜିଲେ ମିଳେ ନାହିଁ; ଯାହା ସ୍ମୃତି ଓ ଅତୀତ, ତାକୁ କ'ଣ ଭରଣା କରିହେବ, ନା' ପାଶୋରି ହେବ ।

ଏଇତ ଆମ ବ୍ୟକ୍ତିଗତ କଥାକୁ ବାଦ୍ ଦେଲେ ଗତବର୍ଷର ପ୍ରାକୃତିକ ବିପର୍ଯ୍ୟୟ ବାତ୍ୟା, ବନ୍ୟା, ଅଂଶଘାତ ସହିତ ୨୦୧୯ ରୁ କରୋନାର ପ୍ରକୋପ ଏମିତିରେ ଯେତେ ଅକାଳ ଚଡକ ଓ ମଡକ ମାଡ଼ି ଆସିଲେ ଏବଂ ଯାହା ଦେଲେ, ଯାହା ନେଲେ; ତାହା କ'ଣ ଅନୁଭବୀ ତା' ଜୀବଦଶାରେ ଭୁଲିଯିବ! ଛାଡନ୍ତୁ । ଗୋଟିଏ ଧାଡ଼ିରେ ଶେଷ କରିବା ଏ ପର୍ଯ୍ୟାୟ; ଗତସ୍ୟଶୋଚନା ନାସ୍ତି ।

ଅତୀତର ଅନୁଭବରୁ ବର୍ତମାନରେ ଆମେ ଛିଡା ହୋଇ ଭବିଷ୍ୟତକୁ ହାତ ବଢ଼ାଇବା କଥା । ବୁଝୁଛୁ ଯେ ଭବିଷ୍ୟତ ଅନିଶ୍ଚିତ । ଆଶା ଫଳବତୀ ହୋଇ ନପାରେ; କିନ୍ତୁ ଏହାତ ସତ୍ୟ ଯେ ଆଶା ନଥିଲେ ଜଣେ ବଂଚି ପାରିବନାହିଁ । ଏଣୁ କୁହାଯାଏ ଆଶା ହିଁ ବଂଚିବାର ଆଶା (Hope is hope for survival) ଏଣୁ ଆସନ୍ତୁ ବର୍ତମାନରେ ହିଁ କର୍ମ କରି ଚାଲିବା । ଅତୀତ ଯାହା ଯାଇଛି ଏବଂ ଯାହା ଘଟିଛି, ତାହା ସତ୍ୟ । ତା'ଠୁ ଅଧିକ ସତ୍ୟ ହେଉଛି ଚଳତ୍ ବର୍ତମାନ (living present) କର୍ମ କରିବା ହିଁ ନିଶ୍ଚିତ ସତ୍ୟ; କିନ୍ତୁ ଫଳ ଯେତେବେଳେ ଅନିଶ୍ଚିତ ଭବିଷ୍ୟତ ଉପରେ ନ୍ୟସ୍ତ, ଆସନ୍ତୁ ଫଳକୁ ଆଶା କରିବା ନାହିଁ । ଅନ୍ୟପକ୍ଷରେ କର୍ମ ଏକ ଯୋଗ । ଏ କର୍ମଯୋଗରେ ଏକ ସାତ୍ୱିକ ଆନନ୍ଦ ଅଛି । ଅନ୍ତତଃ ନିଜକୁ ନିଜେ କର୍ମ କରିବାର ଆନନ୍ଦ ପାଇପାରିବା । ଏହା ଏକ ଆତ୍ମିକ ସୁଖ । ତା' ବି ସତ୍ୟ ଯେ କର୍ମ ହିଁ ଭାଗ୍ୟଲେଖେ; ଭାଗ୍ୟ କର୍ମ ଲେଖେ ନାହିଁ। ଏଣୁ ଶୋଇବା ସିଂହ ପାଇଁ ଶିକାର ନାହିଁ । ସେ ଉପାସ ରୁହେ । ଏହାକୁ କ'ଣ ଭାଗ୍ୟ କହିବା?

ଏବେ ଆମେ ଏକ ସଂକୁଚିତ ପୃଥିବୀରେ ବାସ କରୁଥାଏ । ଜଗତୀକରଣ ପ୍ରକ୍ରିୟାରେ ଏହା ଏକ ପରିବାର । ଏବେ କୋଉ କଥା ଚିନ୍ତା କଲାବେଳେ, କୋଉ କର୍ମ କଲାବେଳେ, କୋଉ କଥା କହିଲାବେଳେ, ଏହାକୁ ନିଜକଥା, ବିଶ୍ୱକଥା ବା ନିଜର ପରିବାର କଥା ବୋଲି ଭାବ । ସେଥିରେ ସବୁରି ମଙ୍ଗଳ ହେବ । ଏ ଦେଖନ୍ତୁ କରୋନା ମହାମାରୀର ଭୟ ଏଯାବତ୍ ଯାଇନାହିଁ । ଚୀନ୍‌ରେ ଏହା ଏତେ ଭୟଙ୍କର ଯେ ଶବାଗାରରେ ଶବ ରଖିବା ଏବଂ କବର ସ୍ଥାନରେ କବର ଦେବା ପାଇଁ ଯାଗା ନିଅଂଟ । ଖାଲି ଚାଇନା ନୁହେଁ ଏହା ଅନ୍ୟାନ୍ୟ ଦେଶକୁ ବ୍ୟାପିବା ଆରମ୍ଭ କଲାଣି । ସରକାରଙ୍କର ଯେତେ ସଚେତନତା ଯଥା ମାସ୍କ ପିନ୍ଧ, ସାମାଜିକ ଦୂରତା ରକ୍ଷାକର, ହାତ ବାରମ୍ବାର ସାବୁନ୍‌ରେ ସଫା କର ଏବଂ ସାନିଟାଇଜର ରୀତିମତ ବ୍ୟବହାର କର, ଏ କଥାକୁ କେହି ଶୁଣିବାର ନାହିଁ । ଭାରତ କଥା କହିଲାବେଳେ ଆମେ ଯଦିଓ ଆଜିର ସମୟରେ କରୋନା ଦ୍ୱାରା ବିଶେଷ ଆକ୍ରାନ୍ତ ନୋହୁ, ଯଦି ସତର୍କ ନ ରହିବୁ ତା ହେଲେ ଚାଇନାର ଦଶା ଆମକୁ ଭୋଗିବାକୁ ପଡ଼ିବ । ଏହା ବର୍ତମାନ ଆମର ବ୍ୟକ୍ତିଗତ ଓ ସମଷ୍ଟିଗତ ସମସ୍ୟା । କଥାରେ କହିଲା ପରି "ନିଜେ ବଂଚିଲେ ଯୁଗ ଦେଖେ ।"

ପୁରୁଣା ବର୍ଷକୁ ବିଦାୟ ଦେଲାବେଳେ ଏବଂ ନୂଆବର୍ଷକୁ ସ୍ୱାଗତ ବେଳେ, ଆମେ କେତେ ବାଣ, ରୋଷଣୀ, ନାଚ, ଗୀତ ଆମୋଦ, ପ୍ରମୋଦ ଓ ଭୋଜିଭାତ ଇତ୍ୟାଦିରେ କଟାଇଥାଉ । ଏହା ଆମର ଏକ ଉନ୍ମାଦ ନିଶ୍ଚୟ । କାହିଁକି ନା ଏହା କ୍ଷଣିକ ଯେହେତୁ ସବୁକିଛି ସୂର୍ଯ୍ୟଚନ୍ଦ୍ର ଉଇଁବା ଓ ବୁଡ଼ିବା ପରି ଗତାନୁଗତିକ; ଏମିତିକି ଦିନଟିଏ ନାହିଁ ଯେଉଁଦିନ କା'ର ଜନ୍ମଦିନ କି କାର ମରଣ ନାହିଁ । ଏଇତ ଗଣନାରୁ ଜଣାଯାଇଛି ଯେ ଭାରତରେ ପ୍ରତି ଅଧଘଂଟାରେ କେହିଜଣେ ଧର୍ଷଣ ହୁଏ ବା ଏହି ଜିନିତ ତା'ର ମୃତ୍ୟୁ ହୁଏ । ନୂଆ ବର୍ଷ ପାଳନ ଅବସରରେ କିଏ କେଉଁଠି ଶିକାର ହୋଇ ଚାଲିଥାଏ । ଏହା ବ୍ୟତୀତ ଆକସ୍ମିକତା ଏବଂ ଦୁର୍ଘଟଣା କଥା ଅଛି ।

ଏଣୁ ନୂଆବର୍ଷ କ'ଣ ଯେ? କେହି ଆନ୍ତର୍ଜାତିକ ସ୍ତରକୁ ବିଚାର କରି କହିପାରନ୍ତି; ଏହା ଯୀଶୁଖ୍ରୀଷ୍ଟଙ୍କର ଜନ୍ମଦିବସ ଠାରୁ ଆରମ୍ଭ ହେଉଥିବା ପରବର୍ତୀ ବର୍ଷ; ସୂର୍ଯ୍ୟଗଣନା ଅନୁସାରେ ନୂଆବର୍ଷର ଆରମ୍ଭ ହେଉଛି ମହାବିଷୁବ ସଂକ୍ରାନ୍ତି ଦିବସରୁ; ରାଶିଚକ୍ର ଅନୁସାରେ ମାର୍ଗଶୀର ମାସ ଆଦ୍ୟ ଦିବସରୁ ଏହାର ଆରମ୍ଭ; ଆଉ କାହା ପାଇଁ ପୃଥିବୀର ଆଦ୍ୟଦିବସ ହିଁ ନୂଆ ବର୍ଷର ଆରମ୍ଭ ଦିନ..... ଇତ୍ୟାଦି । ଦେଶ ଭେଦରେ ମଧ୍ୟ ଭିନ୍ନ ଭିନ୍ନ ନୂଆ ଦିବସ ପାଳିତ ହୁଏ ।

ତଥାପି ଏ ଦିବସଗୁଡ଼ିକ ପାଳିବାର ଯଥାର୍ଥତା ଅଛି । ଏହା ସାମଗ୍ରିକ ଭାବେ ପରସ୍ପର ଓ ସମୂହର ଶୁଭ ମନାସିବାର ଏକ ମୁହୂର୍ତ; ଶାନ୍ତି ପାଇଁ ହାତ ପ୍ରସାରଣ କରିବାର ଏକ ଅବସର । ଏ ବିଶ୍ୱ ଓ ତା' ପରିବେଶ; ଏ ମଣିଷ ଏବଂ ତା' ଜାତି; ଏ ପୃଥିବୀ ଏବଂ ତା ଅନ୍ତେଃବାସୀ ତଥା ପ୍ରକୃତିକୁ ସଂରକ୍ଷଣ ଓ ବଂଚାଇବା ହିଁ ହେଉ ଏହାର ଅନୁଚିନ୍ତା । କାରଣ ପ୍ରକୃତି ବଂଚିଲେ ଆମେ ବଂଚିବା । କାହାକୁ ଦୁଃଖ ଦେଇ ଜଣେ ସୁଖ ଜିଣିବା କିମ୍ବା ଅନ୍ୟର କବର ଉପରେ ଛିଡ଼ା ହୋଇ ନିଜ ସ୍ତ୍ରୀ ପାଇଁ ତାଜ ମହଲ ତୋଳିବା ନିହାତି ଅସମ୍ଭବ । ସମ୍ଭବ ଏହି ଯେ ସମସ୍ତେ ସମଅଧିକାରରେ ବଂଚନ୍ତୁ; ପ୍ରାକୃତିକ ସନ୍ତୁଳନ ରକ୍ଷା କରନ୍ତୁ ଏବଂ ଏଥିପାଇଁ ସମସ୍ତେ ଖାଲି ଚିନ୍ତା ନ କରନ୍ତୁ; ଅନ୍ତତଃ ଏହାକୁ କାର୍ଯ୍ୟକାରୀ କରନ୍ତୁ ।

ସର୍ବେ ଭବନ୍ତୁଃ ସୁଖୀନଃ..... ॥

ଓଡ଼ିଶା ଭାଷା ସଂରକ୍ଷଣ ଏବଂ ଗବେଷଣା ପ୍ରତିଷ୍ଠାନ,
ବିପିନ ବିହାରୀ ପାଠାଗାର,ଜଟଣୀ
ମୋ: ୯୯୩୮୩୪୪୧୩୮

ନୂଆଁବର୍ଷର ସକାଳ

ବୈଷ୍ଣବ ମେହେର

ଗତକାଲି ୨୦୨୨ର ବିଦାୟ ପରେ ଆଜି ନୂତନ ଆଶା ଓ ସମ୍ଭାବନା ନେଇ ନୂଆଁବର୍ଷ ୨୦୨୩ ଧରାପୃଷ୍ଠକୁ ପଦାର୍ପଣ କରିଛି । ବିଗତ ଦୁଇ ବର୍ଷ ଧରି ମର୍ମାହତ କରିଥିବା କରୋନାର ପାର୍ଦୁଭାବ ଜନିତ କ୍ଷତକୁ ଭୁଲି ନୂଆଁସ୍ୱପ୍ନ ସହ ୨୦୨୨ କୁ ଠିକ୍ ବର୍ଷେ ତଳେ ସ୍ୱାଗତ କଲା ବେଳେ କିଏ ଜାଣିଥିଲା ଯେ, ୨୦୨୨ ରେ ମଧ୍ୟ କରୋନାର କବଳରୁ ମୁକ୍ତି ମିଳିବ ନାହିଁ ବୋଲି । ଗତ ୨୦୨୦ ଓ ୨୧ ବର୍ଷ ଅପେକ୍ଷା ବିଦାୟୀ ବର୍ଷରେ କରୋନା କବଳିତ ଜୀବନଯାତ୍ରା କିଛି ମାତ୍ରାରେ ସାମାନ୍ୟ ପରିଲିକ୍ଷିତ ହୋଇଥିଲେ ହେଁ ବର୍ଷ ତମାମ ଏ ମହାମାରୀରୁ କେବେ ବି ଆଶ୍ୱସ୍ତ ମିଳିନଥିଲା । ଏବେ ତ ଭୁତାଣୁ ସଙ୍କଟ ଆହୁରି ଘନେଇଛି । ବିଦାୟୀ ବର୍ଷର ଶେଷ ପର୍ଯ୍ୟାୟରେ କରୋନାର ପୁଣି ଏକ ମାରାତ୍ମକ ଭାରିଆଣ୍ଟ ବିଏଫ.୭ ଆତଙ୍କ ଖେଳାଇବାକୁ ଲାଗିଲାଣି ଯାହା ୨୦୨୩ ନୂଆଁବର୍ଷକୁ ନେଇ ଜାଗ୍ରତହୋଇଥିବା ଆଶାକୁ ଆଶଙ୍କାର ପରିଣତ କରିଦଉଛି । ଅବଶ୍ୟ ଆଶା ଅଛି ବୋଲି ମଣିଷ ବଂଚିଛି । ସକଳ ନିରାଶା ସତ୍ତ୍ୱେ ନୂତନ ବର୍ଷ ମାନବ ସମାଜ ପାଇଁ ନେଇ ଆସିଛି ନୂତନ ସମ୍ଭାବନା ଓ ଉଦ୍ଦୀପନା । ଏହି ବିଶ୍ୱାସକୁ ଆମକୁ ଅଧିକ ବଳବତ୍ତର କରି ରଖିବାକୁ ହେବ । ନୂତନ ବର୍ଷରେ ଆମ ଭିତରେ ଥିବା ଦୁଃଖ, ଶୋକ, ଭୟ, ଅସ୍ଥିରତା, ଅଶାନ୍ତି ଦୂର କରି ସୁଖ, ଶାନ୍ତି, ସମୃଦ୍ଧି ଓ ସୌହାର୍ଦ୍ଦ୍ୟତା ଫେରି ଆଣିବାକୁ ହେବ ।

ଆମ ମଧ୍ୟରୁ ଅନେକେ ମଦମାଂସ, ଅଶ୍ଳିଳ ନାଚଗୀତର ଆଡ଼ମ୍ବରପୂର୍ଣ୍ଣ ଆସୁରିକ ଢଙ୍ଗରେ ନୂଆଁବର୍ଷ ପାଳନ କରି ଆସୁଛେ । ତେବେ ଭାରତୀୟ ସଂସ୍କୃତିକୁ ପଦାଘାତ କରି ସମ୍ପୂର୍ଣ୍ଣ ପାଶ୍ଚାତ୍ୟ ପରମ୍ପରା ଅନୁକରଣରେ ନୂଆଁବର୍ଷ ପାଳି ଆମେ କେଉଁ ଯଶ ଅବା ସଫଳତା ଭଲା ଅର୍ଜନ କରିବା । ଯଦିଓ ନୂଆଁବର୍ଷର ଅନେକ ଇଂରାଜୀ ମାସର ଜନକ ରୋମ ସଭ୍ୟତାରେ ଜନ୍ମଲାଭ କରିଥିଲେ ହେଁ, ରୋମ ଦେଶରେ ବିଳାସବ୍ୟସନରେ ନୂଆଁବର୍ଷ ପାଳିବାକୁ ଏକ ଅପରାଧ ବୋଲି ଧରାଯାଏ । ଥାଇଲାଣ୍ଡ ଭଳି ଏକ ଛୋଟ ଦେଶକୁ ଦେଖନ୍ତୁ, ସେଠାରେ ଗରୀବଗୁରୁବାଙ୍କୁ ଭୋଜନ ଖୁଆଇ ଓ ନୂଆଲୁଗା ବଣ୍ଟନ କରି ନୂଆଁବର୍ଷ ପାଳିତ ହୁଏ। ଅନ୍ୟ କେଉଁଠାର କଥା ଛାଡ଼ନ୍ତୁ ଆମ ପଡ଼ୋଶି ପାକିସ୍ଥାନରେ ନୂଆଁବର୍ଷ ଅବସରରେ ମସଜିଦ୍ ଖୋଲା ରହି ସାରାରାତି ନମାଜର ଧ୍ୱନି ସମସ୍ତଙ୍କୁ ପୁଲକିତ କରେ । ଅପରପକ୍ଷେ ଆମ ଦେଶରେ କାହିଁ କେଉଁକାଳରୁ ଭାବପୂର୍ଣ୍ଣ ସଂସ୍କୃତିଟେ ଥାଇ ସୁଦ୍ଧା ନୂଆଁବର୍ଷ ପାଳନରେ ଆମ ଜନଜୀବନ କେଜାଣି କାହିଁକି ଦିଗହରା ହେଉଛି, ତାହା ହିଁ ପରିତାପର ବିଷୟ । ନୂଆଁବର୍ଷର ପ୍ରକୃତ ଉଦ୍ଦେଶ୍ୟ ବିଷୟରେ ଅବଗତ ନ ହେଲେ ଆମେ ଏହାର ନୂତନତାକୁ ଆଦୌ ଅନୁଭବ କରିପାରିବା ନାହିଁ । ଜି.କେ. ଚେଷ୍ଟରଟନ୍ ଙ୍କ ମତରେ ନୂଆଁବର୍ଷ କେବଳ ପାରମ୍ପରିକ ଭାବରେ ଆସୁଥିବା ନୂତନ ବର୍ଷ ଟିଏ ନୁହେଁ, ଏହାର ଅନୁଭବ ପାଇଁ ଦରକାର ଆମର ଏକ ନୂତନ ଆତ୍ମା, ନୂତନ ପାଦ, ନୂତନ କାନ, ନୂତନ ନାକ, ନୂତନ ଚକ୍ଷୁ ଏବଂ ସର୍ବୋପରି ଏକ ନୂତନ ମେରୁଦଣ୍ଡର । ଆମେ ଜିଉଁଥିବା ସମାଜ ଏବଂ ବିତାଉଥିବା ସମୟ ଆମର ଭାବନା ଓ କାର୍ଯ୍ୟଧାରା ଉପରେ ପର୍ଯ୍ୟବେସିତ । ତେଣୁ ଆମେ ସଂକିର୍ଣ୍ଣତାର ଉର୍ଦ୍ଧରେ ରହି ଆମର ଭାବନାକୁ ଯଥା ସମ୍ଭବ ବିସ୍ତାର କରି ନେଲେ ସାମୁହିକ ଇପସିତ ସମାଜ ଟିଏ ଗଠନ ହେବାକୁ ବେଶୀ ସମୟ ଲାଗିବ ନାହିଁ । ପୁନଶ୍ଚ ନୂଆଁବର୍ଷ ନିଜକୁ ସଜାଡ଼ିବା ପାଇଁ ଏକ ସୁଯୋଗ ଆଣିଥିବା ଭାବି ଆମେ ଏହି ଦିନ ନୂତନ ପରିମାର୍ଜିତ ଜୀବନ ପାଇଁ ଶପଥ ନେବା ଉଚିତ ହେବ । ଅନେକ କହନ୍ତି ଯେ, ନୂଆଁବର୍ଷର ଶପଥ ମୂଲ୍ୟହୀନ କାରଣ ତାକୁ ବର୍ଷ ତମାମ ଧରି ରଖି ପାଳନ କରିବା କଷ୍ଟକର ମନେ ହୁଏ । ଉତ୍ସାହିତ ହୋଇ କୌଣସି ଶପଥ ଗ୍ରହଣ କଲେ ହୁଏତ ତାକୁ ପାଳନ କରିବା ମୁସ୍କିଲ ହୋଇଯାଏ । ତେଣୁ ନିଜ ଭିତରେ ଛୋଟଛୋଟ ସଂସ୍କାର ଆଣି ତାକୁ ବଳବତ୍ତର ରଖିବା ବରଂ ବିଜ୍ଞତାର ପରିଚୟ ହେବ । ଆମେ ଜାଣିବା ଦରକାର ଯେ, କୌଣସି ବ୍ୟକ୍ତିଗତ ସଂସ୍କାରର ଉପକାର ଆମକୁ ଓ ଆମ ପରିବାରକୁ ଯେତିକି ମିଳେ ଏହାର ସକରାତ୍ମକ ପ୍ରଭାବ ବହୁ ଗୁଣରେ ସମାଜ ଉପରେ ମଧ୍ୟ ପଡ଼ିଥାଏ ।

ବର୍ଷ ପରେ ବର୍ଷ ଯେତିକି ବିତି ଯାଉଛି, ମଣିଷ ଭିତରେ ଥିବା ଆବେଗ, ସ୍ନେହ ଶ୍ରଦ୍ଧା, ସମାନୁଭୂତିର ଅଭାବ ସେତିକି ଅଧିକ ପରିଲିକ୍ଷିତ ହେଉଛି । ପ୍ରତିଟି ମଣିଷ ଯଦି ପରସ୍ପରକୁ ନିଃସର୍ତ୍ତ ଭଲପାଇବେ, ଅପରକୁ ସମ୍ମାନ ଦେବେ, ଅନ୍ୟର ଭାବନାକୁ ଯଥା ସମ୍ଭବ ଶ୍ରଦ୍ଧା କରିବେ ତା'ହେଲେ ଯାଇ ସାରା ବିଶ୍ୱ ସ୍ୱର୍ଗ ପାଲଟିଯିବ । ବିଶ୍ୱର ଯେକୌଣସି ସ୍ଥାନରେ ଘଟି ଯାଉଥିବା ଅଘଟଣ, ଦୁଃଖ, ଦୁର୍ଭାଗ୍ୟ ପାଇଁ ସ୍ୱାଭାବିକ ଭାବରେ ଯଦି ଆମ ଆଖିରୁ ଲୁହ ଟୋପେ ଝରି ପାରିବ ତେବେ ତାହା ହିଁ ଆମ ଜୀବନକୁ କରିବ ଖୁବ ଅର୍ଥପୂର୍ଣ୍ଣ । ପୁନଶ୍ଚ ନୂଆଁବର୍ଷକୁ ସ୍ୱାଗତ କଲା ବେଳେ ବିଦାୟୀ ବର୍ଷ ଆଡ଼କୁ ଆଖି ପହଂରେଇ ଆଣିବା ନିହାତି ଦରକାର । ବିଗତ ବର୍ଷ ଠାରୁ ଲାଭ କରିଥିବା ଶିକ୍ଷା ପ୍ରତି କୃତଜ୍ଞ ହୋଇ ନୂଆଁବର୍ଷ ପ୍ରତି ଗଭୀର ଆସ୍ଥା ପ୍ରକଟ କଲେ ହିଁ ଆମ ଜୀବନ ପ୍ରକ୍ରିୟାକୁ ଅଧିକ ସରଳ, ସୁନ୍ଦର ଓ ସହଜ କରିବା ସମ୍ଭବ ହୋଇପାରିବ ।

ସିନାପାଲି,
ନୂଆପଡ଼ା
ମୋ: ୯୭୭୭୭୫୩୯୩୫

ନବବର୍ଷ

ପୀତାମ୍ବର ଦାସ

ନବବର୍ଷ ତୁମେ ଆସୁଛ ବୋଲି
ସଭିଏଁ ଉଲ୍ଲାସ ମନେ,
ଗ୍ରାମରୁ ସହର ସବୁଠି ଉତ୍ସବ
କୌତୁହଳ ଜାଗେ ପ୍ରାଣେ ।
ନୂତନତ୍ୱ କିଛି ଆଣିବ ନିଶ୍ଚୟ
ଧରଣୀ ପାତିଛି ହାତ ।
ରୋଗ ବୈରାଗ୍ୟରୁ ହଟାଇ କଷଣ
ସଭିଙ୍କୁ କରିବ ପ୍ରୀତ ।
ସୁନାର ଫସଲ ସମାଜ ସମୃଦ୍ଧି
ଶିକ୍ଷାର ପ୍ରସାର ପାଇଁ,
ସଦ୍‌ବୁଦ୍ଧି ଜ୍ଞାନ ଆଲୋକ ପ୍ରଭାବେ
ଅନ୍ଧାର ଦେବ ଦୂରେଇ ।
ନବ ଉଦ୍ଭାବନ ବିଜ୍ଞାନ ପ୍ରଭାବେ
ସଫଳର ବାର୍ତ୍ତା ଧରି,
ସମାଜ ମଙ୍ଗଳ ପ୍ରତିଟି ପାହାଚେ
ନିଶ୍ଚୟତ ଦେବ ଭରି ।
ଆଶା ଆକାଂକ୍ଷାର ଯୁକ୍ତାତ୍ମକ ଭାବ
ବୀବର ବପନ ବୁଣି,
ନବବର୍ଷ ତୁମେ ତୃପ୍ତି ଦେବ ପ୍ରାଣେ
ସୁଖ, ଶାନ୍ତି ସାଥେ ଆଣି ।

ଭିଆଇପି କଲୋନୀ, ଗୋପାଳଗାଆଁ, ବାଲେଶ୍ୱର
ମୋ: ୯୪୩୭୩୪୮୭୯୧

ମୁଁ ନୂଆବର୍ଷ

ରତ୍ନାକର ରାଉତ

ମୁଁ ନୂଆବର୍ଷ
ନୂଆ ସମ୍ଭାବନା
ନୂଆ ବିଶ୍ୱାସ
ନୂଆ ଆଶ୍ୱାସ
ନୁହେଁ ଅଭିଶପ୍ତ
ଅବା ଅବାଛିତ ।

ମୁଁ ସମୟର ଏକ ସଂକେତ
ଏକ ଆର୍ତ୍ତନାଦ
ଗତିରେ ଗତିରେ ବଦଳାଏ
କେତେ ଚିତ୍ରପଟ ।

ମୁଁ ଚଂଚଳ
ମୁଁ ଶାଶ୍ୱତ
ମୁଁ ଚିର ପ୍ରବାହିତ
ମୁଁ ନୂଆବର୍ଷ
ନୁହେଁ ଅଭିଶପ୍ତ
ଅବା ଅବାଛିତ ।

ମୁଁ ନୂଆବର୍ଷ
ତୁମେ କର ବା ନକର
ମୋର ଆବାହନ
ମୁଁ ଆସି ପହଂଚିବି ସେଦିନ
ଯେବେ ସରିଯିବ ଏକ ଘୂର୍ଣ୍ଣନ ।

ତୁମେ ବୋମାରେ ବୋମାରେ
ଧ୍ୱଂସ ତାଣ୍ଡବ ରଚାଇ
ବାରୁଦର ଗଂଧେ ପ୍ରାଣସ୍ପନ୍ଦନ ହଜାଇ
ବଂଧୁକ ମୁନେ ଶୋଣିତର ସ୍ରୋତ ବୁହାଇ
ପ୍ରାଣରେ ପ୍ରାଣରେ ବେଦନାର କୋହ ଜଗାଇ
ଅବା, ଲେଖନୀର ମୁନେ ସୃଜନର ବେଣୁ
ବଜାଇ
ବଂଧୁରେ ବଂଧୁରେ କୋଳାକୋଳି ହୋଇ
ମେହଫିଲ୍ ତାଳେ ନଭେଛ୍ଛ୍ୱାସ
ଉନ୍ମାଦନା କେତେ ଖେଳାଇ
ମୋତେ ଡାକ କି ନ ଡାକ ମନେରଖ,
ମୋର ସମୟ ହୋଇଗଲେ ଉପଗତ
ମୁଁ ହୋଇଯିବି ଆସି
ବିନା ସଂକୋଚେ ଉପସ୍ଥିତ ।
ମୁଁ ନୂଆବର୍ଷ
ନୂଆ ସମ୍ଭାବନା
ନୂଆ ବିଶ୍ୱାସ
ନୂଆ ଆଶ୍ୱାସ
ନୁହେଁ ଅଭିଶପ୍ତ
ଅବା ଅବାଂଛିତ ।

ତୁମେ ଗାଅ କି ନଗାଅ
ମୋର ସ୍ୱାଗତିକା
କାଳକାଳ ଧରି
କହି ଆସିଅଛି
ହେଜ କି ନ ହେଜ
ଆଉ ଥରେ ଏବେ କହି ରଖେ
ଧରଣୀ ବୁକୁରେ
ଶତ ଶତ ବାର
ତୁମ ସହ ମୋର ହୁଏ ଦେଖା ।

ତୁମେ ଯୁବତୀ ଝିଅର
ସ୍ୱପ୍ନର ଫୁଲ ଲୁଚେଇ
ନବ ବଧୂ କେତେ
ବିଧବା ବେଶରେ ସଜେଇ
କଅଁଳ ଛୁଆର ଦରୋଟି ଭାଷାକୁ ଲିଭେଇ
ବୃଦ୍ଧା ଜନନୀ ଆଖିରୁ ଲୋତକ ଝରେଇ
ଅବା, ଗୋଲାପ ସ୍ତବକେ ପ୍ରୀତି ହିଲ୍ଲୋଳ
ଖେଳାଇ
ଗେଣ୍ଡୁ ଗଜରାରେ ପ୍ରୀତି ନୈବେଦ୍ୟ
ବାଢ଼ିଦେଇ
ମଠ ମନ୍ଦିର ଗୀର୍ଜା ଦୁଆରେ
ନୂଆ ଚେତନାର ଭାବ ଉଲ୍ଲାସେ
ଶ୍ରଦ୍ଧାର ଦୀପ ଜଳେଇ
ମୋତେ ଲୋଡ଼ କି ନ ଲୋଡ଼ ମନେରଖ
ମୋର ସମୟ ହୋଇଗଲେ ଉପଗତ ।
ମୁଁ ନୂଆବର୍ଷ ନୁହେଁ ଅଭିଶପ୍ତ
ଅବା ଅବାଂଛିତ ।

ନୂଆ ବିଶ୍ୱାସ
ନୂଆ ଆଶ୍ୱାସ
ନୂଆ ସମ୍ଭାବନା
ସମୟରେ ମୋର ଆବାହନ

ସମୟରେ ମୋର ବିସର୍ଜନ
ଗତିରେ ଗତିରେ ଅବ୍ୟର୍ଥନା
ପଥେ ପଥେ କେତେ ଘଟଣା
ଓ, କେତେ ଦୁର୍ଘଟଣା
ଗତିରେ ମୋହର ମୁକ୍ତି
ଗତିରେ ମୋହର ଶାନ୍ତି
ମୋର ହୁଏ ନାହିଁ କେବେ ଶେଷ
ମୋର ନାହିଁ କିଛି ଅବଶୋଷ
ମୁ

ନବ ବର୍ଷ

ତାନଶ୍ରୀ ପାଣିଗ୍ରାହୀ

ଶୀତ ସକାଳର
ପକ୍ଷୀ କାକଳୀରେ
ନବବର୍ଷ ତୁମେ ଆସ...
ମୃଦୁ ସମୀରଣ
କରଇ ସ୍ୱାଗତ
ଦିଅ ତୁମ ଶୁଭାଶିଷ...

ଶିଶିର ବିନ୍ଦୁର
କଅଁଳ ଘାସରେ
ଘେନି ନୂଆ ଉପହାର...
ସାରା ବରଷଟା
ଫୁଲ ବରଷିବ
ଝରିବ ଅମୃତ ଧାର...

ବିଗତ ଦିନର
ରାଗ, ରୂଷା, ମାନ
ଭୁଲ ଅବା ହେଉ ଭ୍ରାନ୍ତି...
ପ୍ରତି ହୃଦୟରେ
ଗାଇଦେବ ତୁମେ
ଅମର ପ୍ରେମର ଗୀତି...

ଶୀତ ସର ସର
ପଉଷ ସକାଳ
ଗାଏ ଯେ ତୁମ ବନ୍ଦନା...
ନବ ଚେତନାର
ଆନନ୍ଦ ଉଲ୍ଲାସେ
ତୁମେ ନୂଆ ସମ୍ଭାବନା...

ତୁମ ଆଗମନେ
ସବୁରି ହୃଦୟେ
ଆସୁ ସୁଖ-ଶାନ୍ତି -ପ୍ରୀତି...
ହେ ନୂଆ ବରଷ
ପ୍ରତିଟି ସକାଳେ
ଆଣିଦିଅ ମିଠା ସ୍ମୃତି ।

+ ଆଚାର୍ଯ୍ୟକ୍ଷ,ସରସ୍ୱତୀ ଶିଶୁମନ୍ଦିର
ବାଲିଆ, ବାଲେଶ୍ୱର

ସ୍ୱାଧୀନତାର ଅମୃତ ମହୋତ୍ସବ

ଅଂଜଳି ପଣ୍ଡା

ଆଜି ତେଲଟାଙ୍କିରେ
ଡିଜେଲ ନିଅଣ୍ଟ,
ଏକାଧିକ ପେଟ୍ରୋଲ ଟାଙ୍କି ଖାଲି।
ମନରେ ଚିନ୍ତାର ଚିତାନଳ
ସତେ କ'ଣ ମୋ ଦେଶକୁ
ସଂକ୍ରମିଗଲା ଶ୍ରୀଲଙ୍କାର ଦୁଃଖ,
ସେଦିନ ସମାଚାର ପୃଷ୍ଠାରେ
ଚବିଶ ଘଣ୍ଟାର
ତେଲ ମହଜୁଦର ସମାଚାର
ଛାତି ଭିତରେ ଖେଳିଗଲା
ଏକ ମଞ୍ଚଥରା କମ୍ପନ
କ'ଣ ହେବ ଦେଶର ଭବିଷ୍ୟତ ?

ଲକ୍ଷଲକ୍ଷ ଗାଡ଼ି ମଟର
ସ୍ଥାଣୁ ପରି ହୋଇଯିବେ ଛିଡ଼ା
ପରିବହନ ହୋଇଯିବ ଠପ୍।
ଇଏ କେମିତି ସମୟ ଆସିଲା
ବିଷାଦର ବିଷମଞ୍ଜି କିଏ ବୁଣିଦେଲା !

ହସୁଥିବା ଧରାରୁ
ରୁଣ୍ଡେଇ ନେଉଛି କିଏ
ସବୁଯାକ ହସ
ଶାନ୍ତି, ସ୍ୱଚ୍ଛତା, ସ୍ନେହ, ପ୍ରେମ
ଆନନ୍ଦରେ ଛଳଛଳ, ଝରଣାର ଜଳ।

ଜଳଶୂନ୍ୟ ତେଲଶୂନ୍ୟ
ଆଜି ପୃଥିବୀର ପେଟ।
ଖାଦ୍ୟର ମହରଗ
ଅଭାବରେ ପରିଶ୍ରାନ୍ତ ମନ
ସବୁଠିଁ ଦରବୃଦ୍ଧି, ମୁଦ୍ରାସ୍ଫୀତି
ଗ୍ୟାସ୍‌ଠାରୁ ପନିପରିବା
ଦୁଧଠାରୁ ପାଣି
ବିଶାଳ ମୁଦ୍ର
ମାତ୍ର ମୀନହୀନ
ଚିନ୍ତାଗ୍ରସ୍ତ ଜୀବନ
ହନ୍ତସନ୍ତ ନିଅଣ୍ଟିଆ ବଜାର ଭିତରେ
ବଂଚିବା ଏକ ମିଛ ପ୍ରହସନ।
ବଳ କଷାକଷି, ଯୁଦ୍ଧର ଘନଘଟା
ଅହଙ୍କାର ହିଁ ମାନଦଣ୍ଡ
ସର୍ବନାଶର ପଥ ଉନ୍ମୁକ୍ତ,
ଭବିଷ୍ୟତରେ ରହିଯିବ
କେବଳ ଧ୍ୱଂସର ଫସିଲ
ଯୁଗେଯୁଗେ ହୋଇ ଇତିହାସ।

+ ଚୌଧୁରୀ ସାହି, ବାଲେଶ୍ୱର
ମୋ: ୯୩୩୮୩୧୦୨୪୫

ହେ ନୂଆ ବରଷ, କର ଏଇ ଆଶିଷ

ହାଡ଼ିବନ୍ଧୁ ପାତ୍ର

ଚାହୁଁ ଚାହୁଁ ଚାଲିଗଲେ ଦ୍ୱି ହଜାର
ବାଇଶି
ମାରି ଦୀର୍ଘଶ୍ୱାସ
ଦେଖୁଁ ଦେଖୁ ଆସିଗଲେ
ଦ୍ୱିହଜାର ତେଇଶି
ସାଜି ନୂଆ ବେଶ
ଆସ ଭାଇ, ଆସ ମୋ ଭଉଣୀ
ଆସ ବଂଧୁ, ପ୍ରତିବେଶୀ
ଗଲା ଦିନର ସବୁ ଦୁଃଖ,
ଶତ୍ରୁତାକୁ ଭୁଲି, ସର୍ବେ ଯିବା ମିଶି
ପାଦରେ ମିଶାଇ ପାଦ,
କଣ୍ଠରେ ମିଶାଇ କଣ୍ଠ
ନାଚିଯିବା, ଗାଇ ଗାଇ ସ୍ୱାଗତିକା
ନୂତନ ବର୍ଷର
ଆଉ ମାଗିବା- ହେ ନୂଆ ବରଷ

ଆମକୁ କର ଏଇ ଆଶିଷ
ସୁଖ, ଶାନ୍ତି, ପ୍ରୀତି, ଦୟା, କ୍ଷମା,
ମୈତ୍ରୀ, ଭରିଦିଅ ପ୍ରତି ପ୍ରାଣେ
ରୋଗୀ, ଦୁଃଖୀ, ଅସହାୟ ସେବା
ବ୍ରତ ହେଉ, ଏ ଆମ ଜୀବନେ
କୃଷକ, ଶ୍ରମିକ, ଶାସକ ଆଉ
ଯିଏ ଯେତେ ଅଛୁଁ ସବୁ
ଅଳସ, ଦୁର୍ନୀତି, ଦୂରେ ପରିହରି
ସତ୍ କର୍ମେ ଶପଥ ନେବୁ ।
ଅଭାବ, କଷଣ ଦୂରେଇ ଦେବୁ
ଶତ୍ରୁ ବିନାଶିବୁ, ଆଗ
ବିଶ୍ୱ ଦରବାରେ ରଖିବୁ ଟେକ
ହାତରେ ମିଶାଇ ହାତ
ଆମେ ଗଢ଼ିବୁ ସୁନା ଭାରତ
ହେ ନୂଆ ବରଷ, କର ଏଇ ଆଶିଷ
ସଭିଙ୍କ ଓଠରୁ, ଝରୁଥାଉ ହସ ।

+ ଶେରଗଡ଼, ବାଲେଶ୍ୱର-
୭୫୬୦୬୦
ମୋ: ୯୭୭୭୩୮୨୬୪୦

ଆସିଲା ନୂଆବରଷ

ଦେବେନ୍ଦ୍ର ନାଥ ଶତପଥୀ

ନୂଆ ବରଷରେ ନୂଆ ବରଷ
ଆତୁରେ ହସି ହସି
ଆମେ ନୂଆବର୍ଷ ସ୍ୱାଗତ କରିବୁ
ଚାହିଁଚୁରେ ହୋଇ ଖୁସି
ଥିରି ଥିରି ଥିରି ଧୀର ପବନ
ଛୁଇଁଛି ତୋ ଦେହ ମନ
ଶିଉଆ ସକାଳ ରହିଛୁ ଚାହିଁ
କରିବାକୁ ଦରଶନ
ଆସିଛି ଆଜିଏ ଶୁଭଲଗନ
ମାଟି ତ ଉଠଇ ନାଚି
ପାହାଡ଼ ଝରଣା ବଣ ଜଙ୍ଗଲ
ଫୁଲ ତ ଦିଅଇ ବିଞ୍ଚି
ରଖିଛୁ ସଜାଇ ଆମେରେ ଘରେ
ଫୁଲତୋଡ଼ା କେତେସତେ
ବାଜା ବାଣ ପୁଣି ଭୋଜିଭାତରେ

ଡାକି ଆଣିବୁରେ ତୋତେ
ଦାଣ୍ଡ ଅଗଣା ଫୁଲର ବଗିଚା
ଗାଉଛିରେ କେତେଗୀତ
ସେ ଗୀତର ସୁରେ ନାଚଇ ମନ
ତୁ ପରା ଆମର ମୀତ
ପାଚିଲା ଧାନ ବିଲରେ ଦିଶେ
ଲକ୍ଷ୍ମୀଙ୍କର ପାଦଚିହ୍ନ
ହେ ନୂଆବରଷ ଦେ'ରେ ଆଶିଷ
ସୁଖେ ବିତିଯାଉ ଦିନ
ତୋ ହାତ ଛୁଆଁରେ ପରାଣ ଆମ
ଭରିଯାଉ ସୁଖଶାନ୍ତି
ହସିଉଠୁ ଧରା ପବନେ ଖେଳ
ପୀରତିର ଭାବନୀତି
ଏ ଜୀବନେ ତୁମ ଚରଣେ ପୂଜା
ଅଜାଡ଼ି ଦେଉଛି ଫୁଲ
ନୂଆ ବରଷ ଆସି ଯେ ଗଲା
ନୂଆ କ୍ୟାଲେଣ୍ଡର ଖୋଲ ।

ମନସ୍ୱିନୀ ମନ୍ଦିର, ସୁନହଟ
ବାଲେଶ୍ୱର,
ମୋ: ୭୭୫୧୦୬୮୧୫୬

ଡକ୍ଟର ଲକ୍ଷ୍ମଣ ସାହୁ

ନୂଆ ସକାଳ-୨୩କୁ ଯାତ୍ରା

ସେଦିନ ଥିଲା ଏକ ମନୋରମ ପରିବେଶ । ରାସ୍ତା ଘାଟରେ ସେଭଳି କୌଣସି ବିଶୃଙ୍ଖଳା ନଥିଲା । ଷ୍ଟେସନ ନିକଟବର୍ତ୍ତୀ ଜାଣି କିଛି ଦୂରରୁ ଟ୍ରେନର ଗତି ମନ୍ଥର ହେବା ଭଳି ପିଛିଳ ଗତିରେ ଗତି କରୁଥିବା ମୋ କାର୍ ମନ୍ଥର ହେଲା । ସତେଯେମିତି ମୁଁ ଅନୁଭବ କଲି ଯେ ଆମେ ଭୁଲ ଦିଗରେ ଯାଉଛୁ । ଡ୍ରାଇଭରକୁ ପଚାରିଲି, 'ଆରେ ତମେ କାରଟିକୁ ବିପରୀତ ଦିଗକୁ କାହିଁକି ନେଇଥିଲ ? ଯଦିଓ ସେତେବେଳକୁ ସେ ଆମର ଗନ୍ତବ୍ୟ ସ୍ଥଳ ପାଇସାରିଥିଲା । ତା'ର ସଂକ୍ଷିପ୍ତ ଉତ୍ତର ଥିଲା- 'ଯଦି ସେ ପାର୍ଶ୍ୱରୁ ଯାଇଥା'ନ୍ତେ, ତେବେ ବହୁତ ଦୂରକୁ ଯିବାକୁ ପଡିଥାନ୍ତା । ସତ କହିବାକୁ ଗଲେ କେହି କେବେ କ'ଣ ଭୁଲ ଦିଗକୁ ଯିବାକୁ ଚାହେଁ? ନା, ଏ ଦିଗରେ ସମସ୍ତେ ଅଳ୍ପ ବହୁତ ଚିନ୍ତା କରନ୍ତି । ନିଜର ଉନ୍ନତି ନିମନ୍ତେ ସମସ୍ତେ ତପୂର , ହୁଏତ କିଛି ବାଧା ଆସିବାକୁ ବାଧ । ପ୍ରାୟତଃ ସେହି ବାଧାବିଘ୍ନ ଗୁଡ଼ିକୁ ଭଲ ବା ଖରାପ ବୋଲି କହିଥାଉ । ଦ୍ରୁତ ଗତିଶୀଳ ମନକୁ ବ୍ରେକ ଦେବାକୁ ଚାହିଁଲେ ଦେଇ ହେବ, କିନ୍ତୁ ଉନ୍ନତିରେ ନୁହେଁ । ଉନ୍ନତିର ଗତି ପଥରେ ପ୍ରତିବନ୍ଧକ ଆପଣାଛାଏଁ ବାହାରି ଆସିଥାଏ । ଶତ୍ରୁତା ନଥାଇ ଶତ୍ରୁ ଉପୁଜି ଆସନ୍ତି । ସେ ହୁଏତ ସଂପର୍କିତ, ଆତ୍ମିକ, ରକ୍ତଗତ, ସାମାଜିକ ଯେ କେହି ବ୍ୟକ୍ତି ବିଶେଷ ହୋଇପାରନ୍ତି ।

ସେମାନେ ସେମାନଙ୍କୁ ସେମାନଙ୍କର ଶତ୍ରୁ ଭାବରେ ବିବେଚନା କରନ୍ତି । କିନ୍ତୁ ସେମାନେ ନିଜ ସ୍ଥାନରେ ଠିକ୍ ଅଛନ୍ତି କି (?) ଏଭଳି ଏକ ପ୍ରଶ୍ନର ଉତ୍ତର କ'ଣ ହୋଇପାରେ ? ସମସ୍ତେ ନିଜ ନିଜର ଜୀବନ ଦିଗରେ ଗତି କରୁଛନ୍ତି । ସେମାନେ ଜାଣନ୍ତି ଯେ ଏହା ତା'ଙ୍କ ପାଇଁ କେତେ ଦୂର ଯଥାର୍ଥ ଓ ହିତକର । ଯେତେବେଳେ ଆମେ ସଠିକ୍ ରାସ୍ତାରେ ଥାଉ ଓ କେହି ଜଣେ ଯଦି ଭୁଲ ପଥରେ ପଥ ଦେଖାଏ, ସେଠାରେ କ'ଣ କରିବା ? ଏପରିକି ଆମକୁ ଭୁଲ୍ ଦିଗକୁ ଯିବାକୁ ବାଧ କରାଯାଇ ପାରେ । ତଥାପି ଆମକୁ ଟିକେ ଚିନ୍ତା କରିବାକୁ ହେବ, ମନ୍ଥର ହେବାକୁ ପଡିବ । ଯଦି ଆମେ ଅନୁଭବ କରିବା ଆଗ ପାର୍ଶ୍ୱରୁ ଆସିବାକୁ ଦେବା, ଯାହା କିଛି ସମୟ ପରେ ଆମେ ଆମର ଗନ୍ତବ୍ୟ ସ୍ଥଳରେ ପହଞ୍ଚିବାକୁ ସଫଳ ହେବା । ଆମେ ଲକ୍ଷ୍ୟସ୍ଥଳରେ ପହଞ୍ଚି ପାରିଲେ ମନଟା ଖୁସି ଖୁସି ଲାଗେ । କାହାର ପ୍ରରୋଚନାରେ ପଡ଼ି ପଥହରା ହୋଇ କଷ୍ଟ ପାଇବା ଅପେକ୍ଷା ନିଜ ବିଚାର ଧାରାରେ ପଥ ଚାଲିବା ଶ୍ରେୟସ୍କର । ଏଭଳି ଅନୁଭବ କେବଳ ବିଚାରଶୀଳ ବ୍ୟକ୍ତିଙ୍କ ନିକଟରେ ପ୍ରଯୁଜ୍ୟ।

ଦୁନିଆଁ ଏପରି ହେବା ଉଚିତ ଯେ ଯଦି କେହି ଅନ୍ୟ କାହା ପାଖକୁ ଯାଏ । ଆମେ ପ୍ରାୟତଃ କହିଥାଉ ବା ଭାବି ନେଉ ଏପରି ବ୍ୟକ୍ତି ଭୁଲ୍ କିମ୍ବା ଏପରି ବ୍ୟକ୍ତି ଠିକ୍ । କିନ୍ତୁ ଆମେ କିପରି ଠିକ୍ ଓ ଭୁଲର ସଂଜ୍ଞା ସ୍ଥିର କରିବାକୁ କିଏ ? କାରଣ ଜଣେ ବ୍ୟକ୍ତି ପ୍ରକୃତରେ କେତେ ଖରାପ ବା ଭଲ ତାହା ନିର୍ଣ୍ଣୟ କରିବା ଆମମାନଙ୍କ ପକ୍ଷରେ କଷ୍ଟକର ? ଏ'ସଂପର୍କରେ ଛୋଟ ଦୃଷ୍ଟାନ୍ତ ନିଆଯାଇପାରେ । ଦିନେ ଦୁଇ ସାଙ୍ଗ ଏକ ପ୍ରେରଣାଦାୟକ ବକ୍ତାଙ୍କ କାର୍ଯ୍ୟକ୍ରମକୁ ଯାଇଥିଲେ । ବକ୍ତା ତାଙ୍କ ସମାବେଶରେ ସୁଖ ପାଇବା ପାଇଁ ଏକମାତ୍ର ଉପାୟ ବିଷୟରେ ବୁଝାଇ କହିଥିଲେ- ଆମେ ଏହି ଜୀବନକୁ କେବଳ ଥରେ ପାଇଥାଉ । ତେଣୁ ସୀମିତ ଜୀବନକୁ କେବେ ହାତଛଡ଼ା କରିବା ଅନୁଚିତ୍ । ଆମେ ଏପରି କାର୍ଯ୍ୟ କରିବା ଉଚିତ୍ ଯାହା ଆମକୁ ଆନନ୍ଦ ଦେବ । ଅନ୍ୟମାନଙ୍କ କଥା ଅନୁଯାୟୀ ଜୀବନ ବଞ୍ଚିବା ସବୁଠାରୁ ବଡ ଦୁଃଖର କାରଣ । ଗୌତମ ବୁଦ୍ଧ କହିଥିଲେ- 'କାମନାର ବିନାଶରେ ଦୁଃଖର ବିନାଶ। 'ତେଣୁ କାମନା କରିବାର ଲୋଭ ପ୍ରତିହତ କରି ନିଜକୁ ସନ୍ତୁଷ୍ଟ କରିବାର କଳା କୌଶଳ ପ୍ରୟୋଗ କରିବା ହିଁ ବୁଦ୍ଧିମତାର ପରିଚୟ ହୋଇଥାଏ ।

ମୁଖ୍ୟ କାରଣ ହେଉଛି ସେହି ଦୁଇଜଣ ବନ୍ଧୁ ବକ୍ତାଙ୍କ ବକ୍ତବ୍ୟ ଶୁଣି ଜଣେ ଘରକୁ ଆସି ତାଙ୍କ ପରିବାର ସଦସ୍ୟଙ୍କ ବିରୁଦ୍ଧରେ ଯାଇ ତାଙ୍କ ପ୍ରେମିକା (ଗର୍ଲଫ୍ରେଣ୍ଡ)ଙ୍କୁ ବିବାହ କରିଥିଲେ । ଅନ୍ୟ ବନ୍ଧୁ ଜଣଙ୍କ ନିଜ ପତ୍ନୀଙ୍କୁ ନିଜ ପାଖରୁ ଦୂରେଇ ଦେବାକୁ ଯାଇ ଛାଡପତ୍ର କାଗଜରେ ଦସ୍ତଖତ କରିଥିଲେ । ଉଭୟ ବକ୍ତାଙ୍କ ବକ୍ତବ୍ୟ ଅନୁଯାୟୀ ଏପରି କରିଥିଲେ । କିନ୍ତୁ ଅନ୍ୟ କାହା ପାଇଁ ଏହା ଭୁଲ ଥିଲା କି ଠିକ୍ ଥିଲା ଦୁହେଁ ଜାଣନ୍ତି । ହୁଏତ ଦୁହେଁ ନିଜ ନିଜର ସ୍ୱକୀୟ ଦୃଷ୍ଟିଭଙ୍ଗୀରେ ଏହା କରିଥିଲେ । ସେଭଳି ଆମ ଭିତରେର ଥିବା ସମ୍ପର୍କ ସହିତ ଏହା ପ୍ରାୟତଃ ଘଟିଥାଏ । ଆମେ ସାମ୍ନାରେ ଥିବା ବ୍ୟକ୍ତିଙ୍କୁ ଯେତେ ଭଲପାଇବା ବା ପ୍ରେମ ଦେଇଥାଉ ନା କାହିଁକି, କିନ୍ତୁ କୌଣସି ସ୍ଥାନରେ ସେ ଆମ ସାମ୍ନାରେ ଆସନ୍ତୁ ବା ନଆସନ୍ତୁ, ଆମ ମୂଲ୍ୟକୁ ନିୟନ୍ତ୍ରଣ କରିବାକୁ ପଡିବ । ଟିକିଏ ଟିକିଏ ବୁଝିବା ପାଇଁ କିଛି ସମୟର ସତ୍ ଉପଯୋଗ ଯତ୍ନ ନେବା ଉଚିତ୍ ।

ଥରେ ମାତ୍ର ବୁଝିବାକୁ ହେବ ଏ' ଜୀବନ ହେଉଛି ଏକ ଯାତ୍ରା । ପ୍ରତ୍ୟେକ ଯାତ୍ରା ପରି, କିଛି ଲୋକ ଆମ ସହିତ ସେମାନଙ୍କର ଯାତ୍ରା ଆରମ୍ଭ କରନ୍ତି ଓ କିଛି ଆଗାମୀ ପର୍ଯ୍ୟାୟରେ ସାକ୍ଷାତ୍ ଜାରି ରଖନ୍ତି । କିଛି ଦୂରତା ପରେ, ଆମ ସହିତ କେବଳ ଅଳ୍ପ ଲୋକ ଥାଆନ୍ତି । ମିସ୍ କରୁଥିବା ପ୍ରତ୍ୟେକ ବ୍ୟକ୍ତି ଏକ କାହାଣୀ ସହିତ ସ୍ମୃତି ଛାଡିଥାନ୍ତି । ପ୍ରତ୍ୟେକ ସାଥୀ ଆମ ସହିତ ସମାନ ଭାବରେ ସଂଯୋଗ କରନ୍ତି ନାହିଁ । ଏକଥା ସତ କିଛି ଆମେ ପସନ୍ଦ କରୁଛେ, କିଛି ନାପସନ୍ଦ କରୁଛେ । ଠିକ୍ ସେହିଭଳି ସେମାନେ ମଧ୍ୟ ଆମକୁ ପସନ୍ଦ କରନ୍ତି ଓ ନାପସନ୍ଦ କରନ୍ତି । ଆମ ଯାତ୍ରା ସହିତ ପାଦ ମିଳାଇ ଚାଲିବା ସେ ଆମ ପାଇଁ ଭୁଲ ହୋଇ ପାରନ୍ତି, କିମ୍ବା ଆମେ ତାଙ୍କ ପାଇଁ ଭୁଲ୍ ହେବା ତାହା ତାଙ୍କ ବିଚାର ଉପରେ ନିର୍ଭର କରେ ।

କେତେବେଳେ ଏହା ଘଟେ କେହି ଜାଣନ୍ତି ନାହିଁ । ଏହା କେବେ ଶେଷ ହେବ କିମ୍ବା ସେଠାରେ ରହୁଥିବା ଲୋକଙ୍କ ମାର୍ଗ ଆମଠାରୁ କମ୍ ଅଲଗା ହେବ, ଆମକୁ ଆରମ୍ଭରୁ ଏଭଳି ପରିସ୍ଥିତି ପାଇଁ ନିଜକୁ ପ୍ରସ୍ତୁତ ହେବାକୁ ପଡିବ । ନଚେତ୍ ନିଖୋଜର ଯନ୍ତ୍ରଣା ଆମ ଯାତ୍ରାକୁ ବହୁତ କଷ୍ଟ ଦାୟକ କରିବ, ଭାରାକ୍ରାନ୍ତ କରି ପକାଇବ । ତେଣୁ ଭାର ବହନର ଲଗେଜ୍ କମ୍ ରଖିବା ଆବଶ୍ୟକ । ଅର୍ଥାତ୍ ପ୍ରତ୍ୟେକ ଯାତ୍ରାରେ, ପରାମର୍ଶ ଦିଆଯାଇଛି, ସମାନ ଭାବରେ, ଜୀବନ ଯାତ୍ରାରେ, ଆଶା ଓ ଇଚ୍ଛାକୁ କମ୍ ରଖିବା ଉଚିତ୍ । ମୁଁ କୌଣସି ସ୍ଥାନରେ ଶୋଇଥିଲି, 'ଜୀବନ ସେଠାରେ ଅଛି, ଅର୍ଥାତ୍ ଏହା ଭଗ୍ନାବଶେଷ କୁଟୀର ବା ରାଜପ୍ରାସାଦ ହୋଇପାରେ । ପ୍ରଥମେ ଏହାର ଅର୍ଥକୁ ଏତେ ଗମ୍ଭୀର ଭାବରେ ବୁଝି ପାରି ନଥିଲି । କିନ୍ତୁ ବର୍ତ୍ତମାନ ଲାଗୁଛି ଯେ ଏହି ବାକ୍ୟ ଶହେ ଶତକଡା ସତ । ଆମେ ଅସୁବିଧାକୁ ଆମ ସାମ୍ନାରେ ଏକ ଭାର ବହନ ଭାବରେ ନିଜେ ଯେମିତିକି ସାଇତି ରଖିଛେ ।

କହିବାକୁ ଗଲେ ଆମେ ଯେତେବେଳେ ସିଲାବସ୍ ଓ ବିଷୟ ସୂଚୀ ତାଲିକା ବିଷୟରେ ଜାଣିନେ, ତେବେ ପରୀକ୍ଷା ବିଷୟରେ କ'ଣ ଭୟଭୀତ ହେବା ? ନା, ବରଂ ଏପରି ଅପରିବର୍ତ୍ତିତ ପରିସ୍ଥିତିରେ ଆମେ ପୂର୍ଣ୍ଣ ଆତ୍ମବିଶ୍ୱାସ ସହିତ ପରୀକ୍ଷା କେନ୍ଦ୍ରକୁ ଯିବା ଓ ପ୍ରତ୍ୟେକ ପ୍ରଶ୍ନର ଉତ୍ତର ଅତି ବୁଦ୍ଧିମାନ ସହକାରେ ଓ ସହଜରେ ଦେବା ଉଚିତ୍ । ଏହା ଏପରି ଏକ ପରୀକ୍ଷା, ଯେଉଁଥିରେ ପାସ୍ କରିବା କିମ୍ବା ଯୋଗ୍ୟତା ଆସିବା ଗୁରୁତ୍ୱପୂର୍ଣ୍ଣ ନୁହେଁ, ବରଂ ସମସ୍ୟାକୁ ସାମ୍ନା କରିବା । ପରୀକ୍ଷା ସମୟରେ ମଧ୍ୟ ଆମେ ପ୍ରଫୁଲ୍ଲ ରହିବା ଉଚିତ୍ । ଯାହା ଦ୍ୱାରା ପ୍ରତ୍ୟେକ ପ୍ରଶ୍ନ ପେପରର ସରଳ ସମାଧାନ କରିହେବ । ଫଳାଫଳ ଯାହା ହେଉନା କାହିଁକି, ଏହା ଅଧିକ ଗୁରୁତ୍ୱପୂର୍ଣ୍ଣ ଯେ ପରବର୍ତ୍ତୀ ସମୟରେ ଆମ ସମସ୍ୟାକୁ ସରଳୀକରଣ କରିବାରେ ସହାୟକ ହେବ ଓ ନିଜ ଲକ୍ଷ୍ୟ ସ୍ଥଳରେ ପହଞ୍ଚାଇ ଦେବ । କେବଳ ଥରେ ସୀମିତ ଜୀବନ ଯାତ୍ରା ଭିତରେ ଜୀବନ ରୂପକ ପାଣି ଫୋଟକା କେତେବେଳେ ମିଳେଇ ଯିବ, ତା' ସତ୍ତ୍ୱେ ବି ଆମକୁ ଆଉ ଏକ ନୂଆ ସକାଳ-୦୨୩ ସନ୍ଧାନରେ ଆଗକୁ ଆଗେଇବାକୁ ହେବ...!!! କାରଣ 'ଆଗରେ ପଡ଼ିଛି ପଥ ବହୁଦୂର, ଆହୁରି କେତେଯେ ବାକି/ଚାଲିବି ଚାଲିବି ନପଡ଼ି ବି ଥକି, ବୁଜିବା ଆଗରୁ ଆଖି ।

ଅଧ୍ୟକ୍ଷ, ମହାନଦୀବିହାର ମହିଳା
ସ୍ନାତକ ମହାବିଦ୍ୟାଳୟ, କଟକ-୪
ମୋ : ୯୦୪୦ ୧୫୧୪ ୭୫

ନାରାୟଣ ଚନ୍ଦ୍ର ବିଶ୍ୱାଳ

ନୂଆବର୍ଷର କଥା

ପୃଥିବୀଟି ପଦାର୍ପଣ କରିବାକୁ ଯାଉଛି ଏକ ନୂଆ ବର୍ଷର ନୂଆ ଭାବନାରେ । କ୍ୟାଲେଣ୍ଡରରୁ ଶେଷ ପୃଷ୍ଠାବି ସ୍ମୃତିର ମାନଚିତ୍ରରୁ ଲିଭିଯିବ । ସତରେ ପ୍ରତିଥର ଏହି ନୂଆବର୍ଷ, ନୂଆସ୍ପର୍ଶ, ନୂଆ ଭାବନା ଆଉ ଅନେକ କିଛି ନୂଆ କରିବାର ସ୍ୱପ୍ନ ସନ୍ଦେଶ ନେଇ ଆସିଥାଏ ନିଜର ଚିହ୍ନାଜଣା ମଣିଷଙ୍କ ପାଖକୁ । ସମ୍ପ୍ରତି ନୂଆବର୍ଷରେ ସାଧାରଣତଃ ଧୂମପାନ ବା ମଦ୍ୟପାନ କିମ୍ବା ଓଜନ କମାଇବା ଭଳି ଶପଥ ନେଉଛନ୍ତି । ତେବେ ଏହିକଥା ପଛର ଏକ କୌତୁହଳି କାହାଣୀଟି ମନେପଡ଼େ । ଏହି ଦିନରେ ବାବିଲୋନ୍‌ର ପୁରାତନ ଲୋକମାନେ ପଡ଼ିଶା ଘରୁ ଉଧାର ଆଣିଥିବା କୃଷି ଉପକରଣ ଗୁଡ଼ିକୁ ଫେରାଇବାର ଶପଥ ନେଉଥିଲେ । ତେବେ ଦେଖାଯଉଛି ଯେ ବିଶ୍ୱରେ ପାଳିତ ହେଉଥିବା ସବୁ ସାଂସ୍କୃତିକ ଓ ଧାର୍ମିକ ପର୍ବ ବା ଉତ୍ସବ ଭିତରେ ନୂଆବର୍ଷ ସବୁଠାରୁ ଲୋକପ୍ରିୟ । ତେବେ ପ୍ରାୟତଃ ସବୁ ଦେଶରେ ଜାନୁୟାରୀ ମାସର ପ୍ରଥମ ଦିନଟିକୁ ନୂଆବର୍ଷ ଭାବରେ ବେଶ୍ ଧୁମ୍‌ଧାମରେ ପାଳନ କରାଯାଉଛି । ପ୍ରତିଟି ସଭ୍ୟତା ଓ ଧର୍ମ ତଥା ଲୋକବିଶ୍ୱାସର ରିତୀନିତୀ ଅନୁଯାଇ ନିଜସ୍ୱ ବର୍ଷ ଗଣନା ରୀତି ରହିଥିବାରୁ ଅନ୍ୟଦିନରେ ମଧ୍ୟ ନୂଆବର୍ଷ ପାଳନ କରାଯାଏ । ଏହି ପରମ୍ପରାଟି କ୍ରମଶଃ ଲୋପ ପାଇବାକୁ ବସିଥିଲେ ମଧ୍ୟ ଅନେକ ସ୍ଥାନରେ ସଚେତନତା ସୃଷ୍ଟି କରାଯାଉଛି ଯାହାକି ବାସ୍ତବିକ ପ୍ରଂଶସନୀୟ ଓ ଖୁସିର ବିଷୟ ।

ତେବେ ଓଡ଼ିଆ ନୂଆ ବର୍ଷ ବିଷୁବ ସଂକ୍ରାନ୍ତୀ ବା ପଣା ସଂକ୍ରାନ୍ତୀରେ ପଡ଼ିଥାଏ । ୧୯୩୬ ସାଲରେ ପ୍ରଥମ ଭାଷାଭିତ୍ତିକ ପ୍ରଦେଶ ଓଡ଼ିଶା ଗଠିତ ହେଲା । ନୂଆବର୍ଷଟି ଆମେ କାହିଁକି ପାଳନ କରିଥାଉ ? ବାସ୍ତବିକ ନୂଆବର୍ଷ ପାଳନର ମୁଖ୍ୟ ଲକ୍ଷ୍ୟ ହେବାକଥା ପୁରୁଣା ବର୍ଷର ଦୁଃଖ ଓ ଲୁହକୁ ପଛରେ ପକାଇ ସ୍ୱପ୍ନ ଦେଖିବା, ଯୋଜନା କରିବା ଏକ ନୂଆ ସମ୍ଭାବନା ପାଇଁ । ଯଦି ଆମେମାନେ ଏହାକୁ ବାସ୍ତବ ଜୀବନରେ କାର୍ଯ୍ୟକାରୀ ନକରିବା ତେବେ ମନେ ହେବ ଯେପରି ନୂଆବର୍ଷ ମାତ୍ର ଗୋଟିଏ ଦିନ ପାଇଁ ହିଁ ଆସିଥିଲା । ତେବେ ଯାହାହେଉନା କାହିଁକି ବେପାର ବଣିଜର ପସରା ଭିତରେ କେକ୍ କଟା, ମେସଜ୍ ଦିଆନିଆ, ଫାର୍ମ ହାଉସରେ ବିଳମ୍ବିତ ପାର୍ଟି ଆଉ ସକାଳୁ ମନ୍ଦିର ଦେବାଳୟରେ ଭିଡ଼ ଜମାଇଲେ ସତରେ କ'ଣ ନୂଆବର୍ଷର ଯଥାର୍ଥତା ରହିବ । ଦେଖାଯାଉଛି ଦିନକୁ ଦିନ ମଣିଷର ପ୍ରକୃତି ବଦଳୁ ନାହିଁ । ଦିନ କିନ୍ତୁ ବଦୁଳି ଯାଉଛି । ଲୋକଚରିତ୍ର ସମ୍ପ୍ରତି ଘୋର ଅବକ୍ଷୟର ସୁଅରେ । ମଣିଷକୁ ମଦ ଯେ ପିଇବା ସମିଚିନ ନୁହେଁ ଚୋରୀ କରିବା ପାପ, ମାତୃ ସମାଜକୁ ଦୁର୍ବ୍ୟବହାର କରିବା ତ ଦୂରର କଥା ଆଡ଼ଆଖିରେ ଚାହିଁବା ମହାପାତକ । ଏକଥା ଲୋକଚରିତ୍ରକୁ ଜଣାଇବାକୁ ହେଉଛି ତା'ପୁଣି ଆଇନର ଦ୍ୱାହିରେ ଏହାଠାରୁ ଦୁଃଖଦାୟକ ବେଦନାପ୍ରଦ ପ୍ରସଙ୍ଗ ଆଉ ବା କ'ଣ ଥାଇପାରେ ।

ସମ୍ପ୍ରତି ମେଦବୃଦ୍ଧି ବିଶ୍ୱର ପ୍ରତ୍ୟେକ ରାଷ୍ଟ୍ରବାସୀଙ୍କ ପାଇଁ ଚିନ୍ତାର କାରଣ ହୋଇଛି । କେବଳ ନିୟମିତ କେତୋଟି ଅଭ୍ୟାସ ଜାରି ରଖିଲେ ଓଜନ ହ୍ରାସ ସମସ୍ୟା ହେବନାହିଁ । ଏହା ଆମ୍ଭେମାନେ ସମସ୍ତେ ଭଲ ଭାବରେ ଜାଣିଛେ । ତଥାପି ଫାଷ୍ଟଫୁଡ୍, ନନ୍‌ଭେଜ, ଗରିଷ୍ଠ ଖାଦ୍ୟ, ତେଲଭାଜୀ, ଯାବତୀୟ ଲାଳସାର ଶିକାର ହୋଇ ପେଟ ଭର୍ତ୍ତି କରିବାକୁ ଭୁଲୁନାହୁଁ । ବଜାରର ଦରଦାମ୍ ଯାହା ଭଲ ଭା

୨୦୨୩ ନବବର୍ଷର ଶୁଭେଚ୍ଛା

ନୂଆବର୍ଷ ଉପଲକ୍ଷେ ସମସ୍ତ ଭାଇଭଣୀଙ୍କୁ ମୋର ହାର୍ଦ୍ଦିକ ଶୁଭେଚ୍ଛା ଓ ସମସ୍ତଙ୍କ ପାଇଁ ଶୁଭକାମନା । ନୂଆବର୍ଷରେ ସମସ୍ତଙ୍କ ଚଳାପଥ ଏହି କୁସୁମିତ ହେଉ, ଏହାହିଁ ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା ।

ପ୍ରମିଳା ପଣ୍ଡା
ନଗରପାଳ, ବିଜ୍ଞାପିତ ଅଂଚଳ ପରିଷଦ, ଉଦଳା

୨୦୨୩ ନବବର୍ଷର ଶୁଭେଚ୍ଛା

ନୂଆବର୍ଷ ସମସ୍ତଙ୍କ ପାଇଁ ଶାନ୍ତି, ମୈତ୍ରୀ ଓ ମାନବବାଦର ବର୍ଷ ହେଉ । ଏହି ଅବସରରେ ସମସ୍ତ ଭାଇ ଭଉଣୀମାନଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଆନ୍ତରିକ ଅଭିନନ୍ଦନ ଜଣାଉଛି । ପ୍ରଭୁ ସମସ୍ତଙ୍କ ଜୀବନରେ ସୁଖ, ଶାନ୍ତି ଓ ସମୃଦ୍ଧି ଭରିଦିଅନ୍ତୁ, ଏତିକି ହିଁ କାମନା ।

କାଳିକିଙ୍କର ଦାଶ
ବରିଷ୍ଠ ସାହିତ୍ୟିକ,ସୌଭାଗିନୀ, ରେଞ୍ଚ, ପୁରୀ

୨୦୨୩ ନବବର୍ଷର ଶୁଭେଚ୍ଛା

ନୂତନ ବର୍ଷଟି ସମସ୍ତଙ୍କ ପାଇଁ ଅଫୁରନ୍ତ ଆନନ୍ଦର ଉତ୍ସ ହେଉ । ଈଶ୍ୱର ମନସ୍କ ହୋଇ ସମସ୍ତେ ତାଙ୍କର ସୁରକ୍ଷିତ ହସ୍ତତଳେ ରହନ୍ତୁ । ଘରେ ଘରେ ଶାନ୍ତି, ସୁଖ ତଥା ସମୃଦ୍ଧିବିରାଜମାନ କରୁ, ଏତିକି କାମନା ।

ଗିରିଜା ଶଙ୍କର ଶର୍ମା
ବରିଷ୍ଠ ସାହିତ୍ୟିକ, ସମ୍ବଲପୁର

୨୦୨୩ ନବବର୍ଷର ଶୁଭେଚ୍ଛା

ନୂଆବର୍ଷ ସମସ୍ତଙ୍କ ପାଇଁ ଶୁଭଙ୍କରୀ ହେଉ, ସମସ୍ତଙ୍କ ପ୍ରାଣରେ ଭରିଦେଉ ଆନନ୍ଦ ଓ ଉତ୍ସାହ । ସମସ୍ତଙ୍କ ଚଳାପଥ ପୁଷ୍ପିତ ହେଉ, ସମସ୍ତେ ମିଳିମିଶି ସମୃଦ୍ଧ ଓଡିଶା ଗଠନର ସ୍ୱପ୍ନକୁ ସାକାର କରିବା ଦିଗରେ ଉଦ୍ୟମ କରନ୍ତୁ, ଏତିକି କାମନା ।

ଶ୍ରୀରୂପା ମଞ୍ଜରୀ ସେନ
ବିଶିଷ୍ଟ ଲେଖିକା, ବାଲେଶ୍ୱର

୨୦୨୩ ନବବର୍ଷର ଶୁଭେଚ୍ଛା

ନୂଆବର୍ଷ ଉପଲକ୍ଷେ ସମସ୍ତଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଓ ଅଭିନନ୍ଦନ । ଆସନ୍ତୁ ଏହି ସୁଅବସରରେ ସବୁ ଭେଦଭାବ ଭୁଲି ଏ ଦେଶ ତଥା ଜାତିର ଉନ୍ନତି ପାଇଁ ପ୍ରାର୍ଥନା କରିବା ।

ଶ୍ରୀମତୀ କୃଷ୍ଣା ପ୍ରଧାନ
କବୀ ଓ ସୁସାହିତ୍ୟିକା, ବାଲେଶ୍ୱର

୨୦୨୩ ନବବର୍ଷର ଶୁଭେଚ୍ଛା

ନୂଆବର୍ଷ ୨୦୨୩ ଏକ ସୁନ୍ଦର ପରିବେଶ ସୃଷ୍ଟି କରିବା ସହ ସମସ୍ତଙ୍କ ଜୀବନରେ ସୁଖ ଓ ଶାନ୍ତି ଭରିଦେଉ ଓ ସମସ୍ତଙ୍କ ଜୀବନକୁ ସରସ ସୁନ୍ଦର କରୁ; ଏତିକି ହିଁ ଭଗବାନଙ୍କ ନିକଟରେ ପ୍ରାର୍ଥନା ।

ମାଳତୀ ସେଠୀ
ଖଇରା ସରପଞ୍ଚ

୨୦୨୩ ନବବର୍ଷର ଶୁଭେଚ୍ଛା

ନୂଆବର୍ଷ ଉପଲକ୍ଷେ ବାଲେଶ୍ୱରର ସମସ୍ତ ଭାଇଭଉଣୀଙ୍କୁ ଅନେକ ଅନେକ ଶୁଭେଚ୍ଛା ଓ ଅଭିନନ୍ଦନ । ଏ ନବବର୍ଷ ସମସ୍ତଙ୍କ ପାଇଁ ସୁଖ, ସମୃଦ୍ଧି ଓ ଶାନ୍ତିର ବର୍ଷ ହେଉ ଏତିକି ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା ।

ଉମାକାନ୍ତ ମହାପାତ୍ର
ଜିଲ୍ଲା ବିଜେପି ସଭାପତି, ବାଲେଶ୍ୱର

୨୦୨୩ ନବବର୍ଷର ଶୁଭେଚ୍ଛା

ନୂଆବର୍ଷ ଉପଲକ୍ଷେ ସମସ୍ତ ଭାଇଭଉଣୀ ତଥା ଆବାଳ ବୃଦ୍ଧ ବନିତାଙ୍କୁ ଅନେକ ଅନେକ ଶୁଭେଚ୍ଛା ଓ ଅଭିନନ୍ଦନ । ଏ ନବବର୍ଷ ସୁଖ, ସମୃଦ୍ଧି ଓ ଶାନ୍ତିର ବର୍ଷ ହେଉ ଏତିକି ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା ।

ସ୍ୱରୂପ କୁମାର ଦାସ
ସଦର ବିଧାୟକ, ବାଲେଶ୍ୱର

୨୦୨୩ ନବବର୍ଷର ଶୁଭେଚ୍ଛା

ଇଂରାଜୀ ନବବର୍ଷ ଓ ମକର ସଂକ୍ରାନ୍ତି ଉପଲକ୍ଷେ ବାଲିଆପାଳର ସମସ୍ତ ଜନସାଧାରଣଙ୍କୁ ମୋର ଶୁଭେଚ୍ଛା ଓ ହାର୍ଦ୍ଦିକ ଅଭିନନ୍ଦନ । ପ୍ରଭୁ ଶ୍ରୀଜଗନ୍ନାଥ ସମସ୍ତଙ୍କର ମଙ୍ଗଳ କରନ୍ତୁ ।

ଦୀପକ କୁମାର ଦାସ
ତହସିଲଦାର, ବାଲିଆପାଳ

୨୦୨୩ ନବବର୍ଷର ଶୁଭେଚ୍ଛା

ନୂଆବର୍ଷ ଉପଲକ୍ଷେ ବାଲେଶ୍ୱରର ସମସ୍ତ ଭାଇଭଉଣୀ ତଥା ଆବାଳ ବୃଦ୍ଧ ବନିତାଙ୍କୁ ଅନେକ ଅନେକ ଶୁଭେଚ୍ଛା ଓ ଅଭିନନ୍ଦନ । ଏ ନବବର୍ଷ ସମସ୍ତଙ୍କ ପାଇଁ ସୁଖ, ସମୃଦ୍ଧ ବର୍ଷ ହେଉ ଏତିକି ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା ।

ନାରାୟଣ ପ୍ରଧାନ
ଜିଲ୍ଲା ପରିଷଦ ଅଧ୍ୟକ୍ଷ, ବାଲେଶ୍ୱର

୨୦୨୩ ନବବର୍ଷର ଶୁଭେଚ୍ଛା

ନୂଆବର୍ଷ ଉପଲକ୍ଷେ ସମସ୍ତ ଭାଇଭଉଣୀ ତଥା ଆବାଳ ବୃଦ୍ଧ ବନିତାଙ୍କୁ ମୋର ଅନେକ ଅନେକ ଶୁଭେଚ୍ଛା ଓ ଅଭିନନ୍ଦନ । ଏ ନବବର୍ଷ ସମସ୍ତଙ୍କ ପାଇଁ ସୁଖ, ସମୃଦ୍ଧି ଓ ଶାନ୍ତିର ବର୍ଷ ହେଉ ଏତିକି ପ୍ରାର୍ଥନା ।

ସୁଧାଂଶୁ ଶେଖର ପରିଡ଼ା
ରେମୁଣା ବିଧାୟକ, ବାଲେଶ୍ୱର

୨୦୨୩ ନବବର୍ଷର ଶୁଭେଚ୍ଛା

ଇଂରାଜୀ ନବବର୍ଷ ଓ ମକର ସଂକ୍ରାନ୍ତି ଉପଲକ୍ଷେ ବାଲିଆପାଳର ସମସ୍ତ ଜନସାଧାରଣଙ୍କୁ ଶୁଭେଚ୍ଛା ଓ ହାର୍ଦ୍ଦିକ ଅଭିନନ୍ଦନ । ପ୍ରଭୁ ଶ୍ରୀଜଗନ୍ନାଥ ସମସ୍ତଙ୍କର ମଙ୍ଗଳ କରନ୍ତୁ ଏତିକି ପ୍ରାର୍ଥନା ।

ବିନୋଦ କୁମାର ପଣ୍ଡା
ଗୋଷ୍ଠୀ ଉନ୍ନୟନ ଅଧିକାରୀ,ବାଲିଆପାଳ

୨୦୨୩ ନବବର୍ଷର ଶୁଭେଚ୍ଛା

ନୂଆବର୍ଷ ୨୦୨୩ ଏକ ସୁନ୍ଦର ପରିବେଶ ସୃଷ୍ଟି କରିବା ସହ ସମସ୍ତଙ୍କ ଜୀବନରେ ସୁଖ ଓ ଶାନ୍ତି ଆଣିଦେଉ, ସମସ୍ତଙ୍କ ଜୀବନକୁ ସରସ ସୁନ୍ଦର କର, ସମସ୍ତଙ୍କ ଚଳାପଥ ପୁଷ୍ପିତ କରୁ, ଏତିକି ହିଁ ଭଗବାନଙ୍କ ନିକଟରେ ମୋର ପ୍ରାର୍ଥନା ।

ସୁଧାସିନ୍ଧୁ ପଣ୍ଡା
ବିଶିଷ୍ଟ ଶିଳ୍ପପତି, ବାଲେଶ୍ୱର

୨୦୨୩ ନବବର୍ଷର ଶୁଭେଚ୍ଛା

ଇଂରାଜୀ ନବବର୍ଷ ୨୦୨୩ ଓ ମକର ସଂକ୍ରାନ୍ତି ଅବସରରେ ମୋର ବାଲେଶ୍ୱର ବାସୀ ତଥା ଓଡ଼ିଶାବାସୀଙ୍କୁ ଅନେକ ଅଭିନନ୍ଦନ ଓ ମହାପ୍ରଭୁ ଜଗନ୍ନାଥଙ୍କ ଠାରେ ସମସ୍ତଙ୍କୁ ସୁଖ ଶାନ୍ତି ସମୃଦ୍ଧି ପ୍ରଦାନ କରନ୍ତୁ ଏତିକି ମୋର ପ୍ରାର୍ଥନା ।

ତ୍ରିଦିବ କୁମାର ନାୟକ
ବରିଷ୍ଠ ସମାଜସେବୀ, ବରିଷ୍ଠ ଆଇନଜିବୀ
(ସହଦେବଖୁଣ୍ଟା, ବାଲେଶ୍ୱର)

୨୦୨୩ ନବବର୍ଷର ଶୁଭେଚ୍ଛା

ଇଂରାଜୀ ନବବର୍ଷ ଓ ମକର ସଂକ୍ରାନ୍ତି ଉପଲକ୍ଷେ ବାଲିଆପାଳର ସମସ୍ତ ଜନସାଧାରଣଙ୍କୁ ଶୁଭେଚ୍ଛା ଓ ହାର୍ଦ୍ଦିକ ଅଭିନନ୍ଦନ । ପ୍ରଭୁ ଜଗନ୍ନାଥ ସମସ୍ତଙ୍କର ମଙ୍ଗଳ କରନ୍ତୁ ଏତିକି ପ୍ରାର୍ଥନା ।

ରାଜକିଶୋର ବାରିକ
ଅଧକ୍ଷ, କମଳ କୁମାରୀ ସଂସ୍କୃତ ମହାବିଦ୍ୟାଳୟ, ପଞ୍ଚୁପାଲି, ବାଲିଆପାଳ

ନୂଆବର୍ଷ ଉପଲକ୍ଷେ ସମସ୍ତ ଅଭିଭାବକ ଓ ଛାତ୍ରଛାତ୍ରୀଙ୍କୁ ମୋର ଅନେକ ଅନେକ ଶୁଭେଚ୍ଛା ଓ ଅଭିନନ୍ଦନ । ଏ ନବବର୍ଷ ସମସ୍ତଙ୍କ ପାଇଁ ସୁଖ, ସମୃଦ୍ଧି ଓ ଶାନ୍ତିର ବର୍ଷ ହେଉ ଏତିକି ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା ।

ମୟୂରଭଂଜ ଜିଲ୍ଲାର ଏକ ଆଦର୍ଶ ଇଂଜିନିୟରିଂ ଶିକ୍ଷାନୁଷ୍ଠାନ ଭାବେ ସମସ୍ତଙ୍କଠାରେ ଆଦୃତ ଓ ପରିଚିତ ।

ଏହି ନୂଆବର୍ଷରେ ଉତ୍ତମ ଛାତ୍ର ଗଠନ କରିବାପାଇଁ ଆମେ ପ୍ରତିଶ୍ରୁତିବଦ୍ଧ । ଅଭିଭାବକମାନଙ୍କର ଏକାନ୍ତ ସହଯୋଗ ଆମର କାମ୍ୟ ।

PURNA CHANDRA BINDHANI (CHAIRMAN)

SAI SADHANA COLLEGE OF BASIC SCIENCE (+3) (Residental),
SAI SADHANA SCIENCE HIGHER SECONDARY SCHOOL (+2) (Residential)
SAI SADHANA ITI (TRADE : Fitter & Electrician &
SAI SADHANA SISHU VIDYA MANDIR (CBSE PATTERN ODIA MEDIUM)
At: Dibyasinghpur, Udala, Dist:- Mayurbhanj, PIN-757041
Contact No : 9437294587, 9437443950, 9937557158, 9438232419

୨୦୨୩ ନବବର୍ଷର ଶୁଭେଚ୍ଛା

ଇଂରାଜୀ ନବବର୍ଷ ଉପଲକ୍ଷେ ବାଲିଆପାଳର ସମସ୍ତ ଜନସାଧାରଣଙ୍କୁ ଶୁଭେଚ୍ଛା ଓ ହାର୍ଦ୍ଦିକ ଅଭିନନ୍ଦନ । ପ୍ରଭୁ ଜଗନ୍ନାଥ ସମସ୍ତଙ୍କର ଚଳା ପଥ କୁସୁମିତ କରନ୍ତୁ ଏତିକି ପ୍ରାର୍ଥନା ।

ଅବନୀ କୁମାର ରାଉତ
ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ, ଗ୍ରାମ୍ୟନିର୍ମାଣ ଉପବିଭାଜନ, ବାଲିଆପାଳ

୨୦୨୩ ନବବର୍ଷର ଶୁଭେଚ୍ଛା

ଇଂରାଜୀ ନବବର୍ଷ ଓ ମକର ସଂକ୍ରାନ୍ତି ଉପଲକ୍ଷେ ବାଲିଆପାଳର ସମସ୍ତ ଜନସାଧାରଣଙ୍କୁ ଶୁଭେଚ୍ଛା ଓ ହାର୍ଦ୍ଦିକ ଅଭିନନ୍ଦନ । ସମସ୍ତଙ୍କର ସୁଖ ସମୃଦ୍ଧି ପ୍ରଭୁ ଜଗନ୍ନାଥଙ୍କଠାରେ ପ୍ରାର୍ଥନା କରୁଛି ।

ଭୁତିଆ ଟୁଡୁ
ହେଡକ୍ଲର୍କ, ବାଲିଆପାଳ ତହସିଲ

୨୦୨୩ ନବବର୍ଷର ଶୁଭେଚ୍ଛା

ଇଂରାଜୀ ନବବର୍ଷ ଉପଲକ୍ଷେ ବାଲିଆପାଳର ସମସ୍ତ ଜନସାଧାରଣଙ୍କୁ ଶୁଭେଚ୍ଛା ଓ ହାର୍ଦ୍ଦିକ ଅଭିନନ୍ଦନ । ସମସ୍ତେ ସୁଖରେ ଓ ଆନନ୍ଦରେ ରୁହନ୍ତୁ ପ୍ରଭୁ ଶ୍ରୀ ଜଗନ୍ନାଥ ସମସ୍ତଙ୍କର ଚଳାପଥ କୁସୁମିତ କରନ୍ତୁ ଏତିକି ପ୍ରାର୍ଥନା ।

ସୁବଲ କୁମାର ମଲ୍ଲିକ
କନିଷ୍ଠ ଯନ୍ତ୍ରୀ,
ବାଲିଆପାଳ ବ୍ଲକ

୨୦୨୩ ନବବର୍ଷର ଶୁଭେଚ୍ଛା

ଇଂରାଜୀ ନବବର୍ଷ ଉପଲକ୍ଷେ ବାଲିଆପାଳର ସମସ୍ତ ଜନସାଧାରଣଙ୍କୁ ଶୁଭେଚ୍ଛା ଓ ହାର୍ଦ୍ଦିକ ଅଭିନନ୍ଦନ । ପ୍ରଭୁ ଜଗନ୍ନାଥ ସମସ୍ତଙ୍କର ମଙ୍ଗଳ କରନ୍ତୁ ଏତିକି ପ୍ରାର୍ଥନା ।

ସୁରେଶ କୁମାର ଭୋଇ
କନିଷ୍ଠ ଯନ୍ତ୍ରୀ,ଗ୍ରାମ୍ୟ ନିର୍ମାଣ ଉପବିଭାଜନ,ବାଲିଆପାଳ

ଖରିଫ ଧାନର ଅଭାବି ବିକ୍ରି : ଜଳେଶ୍ୱର- ଚନ୍ଦନେଶ୍ୱର ରାସ୍ତାରେ କୃଷକସଭା ପକ୍ଷରୁ ରାସ୍ତା ଅବରୋଧ

ଜଳେଶ୍ୱର, ୩୧/୧୨(ନି.ପ୍ର): ସରକାରୀ ଘୋଷଣାର ୧୦ ଦିନ ବିତିଥିଲେ ମଧ୍ୟ ସମସ୍ତ ସରକାରୀ ମଣ୍ଡି ଖୋଲାଯାଇନଥିବାରୁ ଚାଷୀମାନେ ଡହଳବିକଳ ହୋଇ ଧାନର ଅଭାବୀ ବିକ୍ରିର ସମ୍ମୁଖୀନ ହେଉଛନ୍ତି । ତେଣୁ ଆଜି ଅଖିଳ ଭାରତ କୃଷକ ସଭାର ଜଳେଶ୍ୱର କମିଟି ପକ୍ଷରୁ ଜଳେଶ୍ୱର, ଚନ୍ଦନେଶ୍ୱର ରାସ୍ତାରେ ଡେମୁରିଆଠାରେ ଚାଷୀମାନେ ରାସ୍ତା ଅବରୋଧ କରିଥିଲେ । ଧାନ ଅମଳର ୧ ମାସରୁ ଅଧିକ ସମୟ ବିତିଥିଲେ ମଧ୍ୟ ଚାଷୀମାନେ ପ୍ରତି ପ୍ୟାକ୍ସ (ସମବାୟ ସମିତିରେ ଧାନ ବିକ୍ରି କରି ପାରୁ ନାହାନ୍ତି । କେତେକ କେନ୍ଦ୍ର ଖୋଲାଯାଇ ପାରିନଥିବା ବେଳେ ସମସ୍ତ ଚାଷୀଙ୍କୁ ଫଂଜିକରଣ କରାଯାଇପାରିନାହିଁ । ଫଂଜିକରଣ ଚାଷୀଙ୍କ ମଧ୍ୟରୁ ବହୁ ଚାଷୀ ଟୋକନ ପାଇ ନାହାନ୍ତି । ଟୋକନ ଦେବା ଓ ଚାଷୀଙ୍କୁ ସନ୍ତୋଷ ଜନକ ଉତ୍ତର ଦେବାଲାଗି ସମବାୟ ସମିତିର ଦାୟିତ୍ୱ ହୋଇଥିବା ବେଳେ ତାହା ନ ପାଇ ଚାଷୀ ହଇରାଣ ହରକତ ହେଉଛନ୍ତି । ଟୋକନ ଅବଧିର ୨୮ ଦିନ ପରିବର୍ତ୍ତେ ଧାନକିଣା ଶେଷ ପର୍ଯ୍ୟନ୍ତ ସମୟ ଅବଧି ବଢାଇବାକୁ ଚାଷୀ କମିଟିରେ ସ୍ଥିର କରାଯାଇଛି । ଚାଷୀ ତାର ଖର୍ଚ୍ଚର ଭରଣା ଓ ଋଣ ପରିଶୋଧ ଲାଗି କ୍ୟୁଣ୍ଟାଲ ପ୍ରତି ୧୩୦୦/୧୪୦୦ ଟଙ୍କାରେ ଧାନ ବିକ୍ରି କରିବାକୁ ବାଧ୍ୟ ହେଉଛି । ନିତିଗତ ଭାବେ ଧାନକ୍ରୟ ବେଳେ ମିଲର ଓ ସମବାୟ ସମିତିର ମଧୁଚନ୍ଦ୍ରିକା ଯୋଗୁଁ ଏବେବି ଧାନର କଟନୀ ଛଟନୀ ଚାଲିଛି । କର୍ପୋରେଟ ସଂସ୍ଥା ମାନଙ୍କୁ ୧୦ଲକ୍ଷ କୋଟି ଟଙ୍କା ଛାଡ ହୋଇଥିବା ବେଳେ କୃଷି ଋଣ ଛାଡପାଇଁ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ପଛଘୁଞ୍ଚା ଦୁଃଖର ବିଷୟ ବୋଲି ଆଜି ଆୟୋଜିତ ସଭାରେ ମତପ୍ରକାଶ ପାଇଛି । ଚାଷ ତାର ଫସଲର ନାର୍ଯ୍ୟ ମୂଲ୍ୟ ପାଇପାରୁନଥିବାରୁ ଅନ୍ୟ ରାଜ୍ୟକୁ ଦାଦନ କିମ୍ବା ଆତ୍ମହତ୍ୟା କରିବାକୁ ବାଧ୍ୟ ହେଉଛି ବୋଲି କହିଥିଲେ । ୫୭ ରାଜ୍ୟ ରାଜପଥର ଡେମୁରିଆଠାରେ (ଇକଡା ସମବାୟ ସମ୍ମୁଖରେ) ଆଜି ଏଥିନେଇ ଅଖିଳ ଭାରତ ସଭା ପକ୍ଷରୁ ରାସ୍ତା ଅବରୋଧ କରାଯାଇଥିଲା । ଆୟୋଜିତ ସଭାରେ ଦିଲ୍ଲିପ ଶତପଥି ଅଧ୍ୟକ୍ଷତା କରିଥିଲେ । ଏଥିରେ ଦିଲ୍ଲିପ କୁମାର ଗିରି, ଦିପ୍ତିମାନ ଆଚାର୍ଯ୍ୟ, ରବିନ୍ଦ୍ର ବାରିକ, ଜୀବନ ପରିଡା, ଗୋପାଳକୃଷ୍ଣ ଜେନା, ପଲ୍ଲୁ ଦାସ, ଭାଗବତ ପ୍ରଧାନ, ବିଶ୍ୱନାଥ ଦଳେଇ, ସେକ ଅବଦୁଲ ସାଦିକ, ନିରୋଜ ବେହେରା, ଚନ୍ଦନ ଶତପଥି, ଗଣେଶ ଭୂୟାଁ, ବଂଶି ବାରିକ, ମମି ପଣ୍ଡା, ଅଜୟ ପଲେଇ, ଜଗନ୍ନାଥ ପରିଡା, ବିଭୁଭୂଷଣ ଦାସ, ରାଜିବ ପଣ୍ଡା, ସୁଶାନ୍ତ କାମିଳା, ଅନନ୍ତ ମୁଖି, ନିଳକଣ୍ଠ ଜେନା ପ୍ରମୁଖ ବକ୍ତବ୍ୟ ରଖିଥିଲେ । ସଭା ଶେଷ ପୂର୍ବରୁ ସେଠାରେ ବିଡିଓ ପୁନମ ରାଉତ ଓ ଆଇଆଇସି ରୋଜାଲିନ୍ ବେହେରା ପହଞ୍ଚି ଆଲୋଚନରେ ଅଂଶ ଗ୍ରହଣ କରି ଦାବିପତ୍ର ଗ୍ରହଣ କରିଥିଲେ ।

ଦାବି ପୂରଣ ନହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ

ଭୁବନେଶ୍ୱର, ୩୧/୧୨ (ନି.ପ୍ର): ରାଜ୍ୟ ପ୍ରାଥମିକ ଶିକ୍ଷକ (ଏକ୍ସ-କ୍ୟାଡର) ମହାସଂଘର ଆନ୍ଦୋଳନ ଶନିବାର ଷଷ୍ଠ ଦିନରେ ପହଞ୍ଚିଥିବା ବେଳେ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ଆସିଥିବା ୨୦ ହଜାରରୁ ଊର୍ଦ୍ଧ୍ୱ ଶିକ୍ଷକ ଶିକ୍ଷୟିତ୍ରୀ ଲୋୟର ପିଏମ୍‌ଜି ଠାରୁ ମାଷ୍ଟର କ୍ୟାଂଟିନ ପର୍ଯ୍ୟନ୍ତ ରାଲି, ବିକ୍ଷୋଭ ପ୍ରଦର୍ଶନ କରି ଦାବି ପୂରଣ ପାଇଁ ସରକାରଙ୍କ ନିକଟରେ ନିବେଦନ କରିଥିଲେ । ଆଲୋଚନା ପାଇଁ ସରକାର ମହାସଂଘର ପ୍ରତିନିଧି ମଣ୍ଡଳୀଙ୍କୁ ଡ଼ାକିଥିଲେ ମଧ୍ୟ, ସମାଧାନର ବାଟ ନ ବାହାରିବାରୁ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କ ମନରେ ଗଭୀର ଆଘାତ ଦେଇଛି । ଯାହାଫଳରେ ମହାସଂଘ ଲୋୟର ପିଏମ୍‌ଜିରେ ଶୀତ କାକରକୁ ଖାତିର ନକରି ଦିବାରାତ୍ର ଆନ୍ଦୋଳନ ଓ ଗଣଧାରଣା ଜାରି ରଖିଛି । ଯେପର୍ଯ୍ୟନ୍ତ ସରକାର ମହାସଂଘର ଦାବିଗୁଡ଼ିକୁ ସହୃଦୟତାର ସହ ବିଚାର କରି ଦାବି ପୂରଣ ଦିଗରେ ପଦକ୍ଷେପ ନ ନିଅନ୍ତି, ସେପର୍ଯ୍ୟନ୍ତ ମହାସଂଘ ତାର ବିକ୍ଷୋଭ ଓ ଗଣଧାରଣା ଜାରି ରଖିବ ବୋଲି ମହାସଂଘର ସଭାପତି ଶରତ ଚନ୍ଦ୍ର ନାୟକ ଚେତାବନୀ ଦେଇଛନ୍ତି । ଶନିବାର ଦିନ ପୁରୁଣା ବର୍ଷ ବିଦାୟ ନେଇ, ରବିବାର ଦିନ ନୂତନବର୍ଷ ପଦାର୍ପଣ କରିବ । ରାଜ୍ୟ ସରକାର ମହାସଂଘର ଦାବିଗୁଡ଼ିକୁ ବିଚାରକୁ ନେଇ ପ୍ରାଥମିକ (ଏକ୍ସ-କ୍ୟାଡ଼ର) ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ ନୂତନ ବର୍ଷର ଭେଟି ପ୍ରଦାନ କରନ୍ତୁ ବୋଲି ମହାସଂଘର ସାଧାରଣ ସମ୍ପାଦକ ପ୍ରଶାନ୍ତ ଖମାରି, ରଞ୍ଜୁ ଅମାତ, ପ୍ରମୋଦ ବେହେରା, ବିଜୟ ମିଶ୍ର, ବିଶ୍ୱରଞ୍ଜନ ଦାସ ପ୍ରମୁଖ ନିବେଦନ କରିଛନ୍ତି ।

କେ ସି ପିପିଲି କଲେଜର ଶୀତକାଳୀନ ଜାତୀୟ ସହ ସେବାଶିବିର ଉଦ୍‌ଯାପନ

ବାଲିଆପାଳ, ୩୧/୧୨ (ନି.ପ୍ର): ଗୁରୁବାର ଜଗାଇ ସ୍ଥିତ କୃଷ୍ଣଚନ୍ଦ୍ର ପିପିଲି ମହାବିଦ୍ୟାଳୟର +୨ ଓ +୩ ଜାତୀୟ ସହ ସେବା ଶିବିର ସୁରୁଡିହା ନୋଡାଲ ମଇ ବିଦ୍ୟାଳୟରେ ପାଳିତ ହୋଇଯାଇଛି । ସେବା ଶିବିରକୁ ଅଧ୍ୟାପକ ଶଙ୍କର୍ଷଣ ପାଣିଗ୍ରାହୀ, ପ୍ରହ୍ଲାଦ ବସ୍ଥଳ ବେହେରା, ସୁଶାନ୍ତ ରାଜ, ବିକାଶ ପ୍ରଧାନ, ଅଧ୍ୟାପିକା ଶାନ୍ତିଲତା ଦାସ, ସୁପ୍ରସିନୀ ବେହେରା ପରିଚାଳନା କରିଥିବା ବେଳେ ବିଭିନ୍ନ ଜାତୀୟ ସେବା କାର୍ଯ୍ୟ ଯଥା ସ୍ୱଚ୍ଛ ଅଭିଯାନ, ବୃକ୍ଷ ରୋପଣ, ସଚେତନ ବାର୍ତ୍ତା ପ୍ରଚାର ପ୍ରଭୃତି ସମ୍ପାଦନ କରାଯାଇଥିଲା । ପ୍ରତ୍ୟେକ ଦିନ ସନ୍ଧ୍ୟାରେ ବିବିଧ ସାଂସ୍କୃତିକ ପ୍ରତିଯୋଗିତା ଯଥା ନୃତ୍ୟ, ସଂଗୀତ, ତର୍କ, ଏକକ ଅଭିନୟକୁ ବିଶେଷଜ୍ଞ ଭାବେ ଅଧ୍ୟାପକ ଦୟାନିଧି ସାହୁ, ଅବସରପ୍ରାପ୍ତ ଶିକ୍ଷକ ସୁଧାସିନ୍ଧୁ ସାହୁ, ପ୍ରାଧ୍ୟାପକ ବିଶ୍ୱମ୍ଭର ଜେନା ପ୍ରମୁଖ ପରିଚାଳନା କରିଥିଲେ କ୍ଷଉଦଯାପନୀ ଉତ୍ସବକୁ ଅଧ୍ୟକ୍ଷା ଡ଼ ହରପ୍ରିୟା ଦାଶ ସଭାପତି ଭାବେ ପରିଚାଳନା କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଧୀରେନ୍ଦ୍ର ନାଥ ହାଜିରା, ମୁଖ୍ୟ ବକ୍ତା ପ୍ରାଧ୍ୟାପକ ରବୀନ୍ଦ୍ର ନାଥ ବିଶ୍ୱାଳ, ବରଣ୍ୟ ଅତିଥି ଭାବେ ପ୍ରାଧ୍ୟାପକ ଶଙ୍କର ମଣ୍ଡଳ, ପ୍ରାଧ୍ୟାପକ ରମେଶ ଚନ୍ଦ୍ର ବାରିକ ଓ ପ୍ରାଧ୍ୟାପକ ବିଶ୍ୱମ୍ଭର ଜେନା ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ । ଶିବିର ପରିଚାଳକମାନେ ଉପସ୍ଥିତ ହୋଇ ସେବା ହିଁ ଛାତ୍ର ଜୀବନର କାମ୍ୟ ହୋ ଉପରେ ଗୁରୁତ୍ୱ ଦେଇଥିଲେ । ଶେଷରେ ଅଧ୍ୟାପିକା ସୁପ୍ରସନି ବେହେରା କୃତଜ୍ଞତା ଜ୍ଞାପନ କରିଥିଲେ ।

ଧାନମଣ୍ଡି ଖୋଲିବା ଦାବିରେ ସି.ପି.ଆଇ.(ଏମ)ର ରାସ୍ତାରୋକ

ନୀଳଗିରି, ୩୧/୧୨ (ନି.ପ୍ର): ନୀଳଗିରି ସି.ପି.ଆଇ. (ଏମ) ଆଂଚଳିକ କମିଟି ପକ୍ଷରୁ ଧାନମଣ୍ଡି ଖୋଲିବା ସହିତ ୪ଦଫା ଦାବୀ ନେଇ ଗରଡିହି ଛକ ଠାରେ ୩ ଘଂଟିଆ ରାସ୍ତାରୋକ କରାଯାଇଥିଲା । ଏ ଯାବତ ନୀଳଗିରି ଉପଖଣ୍ଡରେ କୌଣସି ସ୍ଥାନରେ ଧାନମଣ୍ଡି ଖୋଲାଯାଇ ନ ଥିବା ବେଳେ ଚାଷୀଭାଇମାନେ ହଇରାଣ ହରକତ ହେଉଛନ୍ତି । ଏନେଇ ବାଲେଶ୍ୱର ଜିଲ୍ଲାପାଳ ଓ ନୀଳଗିରି ଉପଜିଲ୍ଲାପାଳଙ୍କୁ ବହୁବାର ଜଣାଇଥିବା ବେଳେ ବର୍ତମାନ ସୁଦ୍ଧା କୌଣସି ଜାଗାରେ ଧାନମଣ୍ଡି ଖୋଲାଯାଇ ନାହିଁ । ଯେଉଁ କିଛି ଜାଗାରେ ଧାନମଣ୍ଡି ଖୋଲାଯାଇଛି, ସେଠାରେ ୧୦ ରୁ ୧୨ ପ୍ରତିଶତ କଟନିଚଟନି କଟାଯାଉଅଛି । ଯାହାକି ଚାଷୀମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି । ଭାଗଚାଷୀଙ୍କ ଠାରୁ ଧାନ କ୍ରୟ କରାଯାଉ ନାହିଁ । ଏହି ସବୁ ଦାବୀକୁ ନେଇ ୧୯ନଂ. ରାଜ୍ୟ ରାଜପଥର ଗରଡିହି ଠାରେ ଦିନ ୧୦ ଟା ଠାରୁ ଦିନ ୧ଟା ପର୍ଯ୍ୟନ୍ତ ରାସ୍ତାରୋକ କରାଯାଇଥିଲା । ରାସ୍ତାରୋକ ସ୍ଥଳରେ ନୀଳଗିରି ତହସିଲଦାର ଅଶେଷ କୁମାର ନାୟକ, ଏ.ଆର.ସି.ଏସ. ଏବଂ ନୀଳଗିରି ଯୋଗାଣ ଅଧିକାରୀ ଆନ୍ଦୋଳନକାରୀଙ୍କ ସହିତ ଦାବୀଗୁଡ଼ିକ ଉପରେ ଆଲୋଚନା କରିଥିଲେ । ଆସନ୍ତା ୫ତାରି ଦିନ ଉପଜିଲ୍ଲାପାଳଙ୍କ କାର୍ଯ୍ୟଳୟରେ ଦଳର ପ୍ରତିନିଧି, ଉପଜିଲ୍ଲାପାଳ, ତହସିଲଦାର, ଏ.ଆର.ସି.ଏସ. ଉର୍ମିଳା ଦାସ ଓ ଯୋଗାଣ ଅଧିକାରୀଙ୍କ ଉପସ୍ଥିତିରେ ଦାବୀଗୁଡ଼ିକ ଆଲୋଚନା କରାଯାଇ ସମାଧାନ ହେବାର ପ୍ରତିଶୃତି ଦେବା ପରେ ରାସ୍ତାରୋକ ହଟିଥିଲା । ରାସ୍ତାରୋକରେ ଦଳର ଜିଲ୍ଲା ସଂପାଦକ ମଣ୍ଡଳୀର ସଦସ୍ୟ ବିଜୟ ପାତ୍ର, ରାଜ୍ୟ ନେତା ଶୀତାଂଶୁ ସେନାପତି, ଯୋଗାନନ୍ଦ ଦାସ, ଜ୍ୟୋତିର୍ମୟ ରାଉତ, ଅମରେନ୍ଦ୍ର ନାୟକ, ରାମଚନ୍ଦ୍ର ସ, ଲକ୍ଷ୍ମୀଧର ସାହୁ, ସତ୍ୟଜିତ ଦାସ, ମହେଶ୍ୱର ଭୂୟାଁ, ହେମେନ୍ଦ୍ର ସେଠୀ, ସୁରେଶ ନାୟକ ସମେତ ବହୁ ଚାଷୀ ରାସ୍ତାରୋକର ସାମିଲ ଥିଲେ ।

ରାଜ୍ୟସ୍ତରୀୟ ବୀରତା ଦିବସରେ ଶହୀଦ ମାଧୋ ସିଂଙ୍କୁ ଶ୍ରଦ୍ଧାଞ୍ଜଳି

ଭୁବନେଶ୍ୱର, ୩୧/୧୨ (ନି.ପ୍ର): ମାଧୋ ସିଂ ଭାରତୀୟ ସ୍ୱାଧୀନତା ସଂଗ୍ରାମର ଜଣେ ଅଦ୍ୱିତୀୟ ଶହୀଦ । ମାତ୍ର ୨୦ଟି ଗ୍ରାମକୁ ନେଇ ଗଠିତ ସମ୍ବଲପୁର ନିକଟବର୍ତ୍ତୀ ଘେଁସର ଜମିଦାର ମାଧୋ ସିଂ ଜଣେ ପ୍ରଚଣ୍ଡ ସ୍ୱାଭିମାନୀ, ସ୍ୱାଧୀନଚେତା ଓ ପ୍ରଜାବତ୍ସଳ ଶାସକ ଭାବେ ସୁପରିଚିତ ଥିଲେ । ବୀର ସୁରେନ୍ଦ୍ର ସାଏଙ୍କ ପଦାଙ୍କ ଅନୁସରଣ କରି ସେ ଜୀବନର ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ ସଂଘର୍ଷ ଚଳାଇଥିଲେ । ମାତୃଭୂମିର ସ୍ୱାଧୀନତା ରକ୍ଷା ପାଇଁ ସେ ବିଦ୍ରୋହୀ ପାଲଟିଥିଲେ । ୧୮୫୬ ଡିସେମ୍ବରରେ ସଂଗୋଡ଼ା ଘାଟିରେ ଇଂରେଜ ବାହିନୀ ଓ ମାଧୋ ସିଂଙ୍କ ମଧ୍ୟରେ ସଂଘଟିତ ଘମାଘୋଟ ଯୁଦ୍ଧରେ ବିଦ୍ରୋହୀମାନେ କ୍ୟାପ୍‌ଟେନ୍ ଉଡ୍‌ବ୍ରିଜ୍‌ଙ୍କୁ ହତ୍ୟା କରିଥିଲେ । ଉଡ୍‌ବ୍ରିଜ୍ ହତ୍ୟା ମାମଲାରେ ୧୮୫୮ ଡିସେମ୍ବର ୩୧ ତାରିଖରେ ମାଧୋ ସିଂଙ୍କୁ ଫାଶୀ ଦିଆଯାଇଥିଲା । ସ୍ୱାଧୀନତା ସଂଗ୍ରାମର ସାମଗ୍ରିକ ଇତିହାସରେ ଜମିଦାର ମାଧୋ ସିଂଙ୍କ ଦେଶପ୍ରେମ, ତ୍ୟାଗ ଓ ବଳିଦାନର ଦୃଷ୍ଟାନ୍ତ ଅନନ୍ୟ ତଥା ବିରଳ ବୋଲି ରାଜ୍ୟସ୍ତରୀୟ ବୀରତା ଦିବସ ଅବସରରେ ଅତିଥିମାନେ ମତପ୍ରକାଶ କରିଛନ୍ତି । ସୂଚନା ଓ ଲୋକସଂପର୍କ ବିଭାଗ ଓ ଶହୀଦ କୁଞ୍ଜଳ ସିଂହ କ୍ଲବ୍, ଘେଁସର ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ଜୟଦେବ ଭବନଠାରେ ରାଜ୍ୟସ୍ତରୀୟ ବୀରତା ଦିବସ ପାଳିତ ହୋଇଯାଇଛି । ଏହି ଉତ୍ସବରେ କୃଷି ଓ କୃଷକ ସଶକ୍ତିକରଣ ତଥା ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗର ପ୍ରମୁଖ ଶାସନ ସଚିବ ଡ. ଅରବିନ୍ଦ କୁମାର ପାଢ଼ୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶହୀଦ ମାଧୋ ସିଂଙ୍କ ତ୍ୟାଗ, ବଳିଦାନ ଓ ଦେଶପ୍ରେମ ଅନନ୍ୟ ଏବଂ ଏହା ସର୍ବଦା ଓଡ଼ିଆ ଜାତି ଓ ଜାତୀୟ ଚେତନାକୁ ଉଦ୍‌ବୁଦ୍ଧ କରୁଥିବ ବୋଲି ମତବ୍ୟକ୍ତ କରିଥିଲେ । ବରଗଡ଼ ମହିଳା ମହାବିଦ୍ୟାଳୟର ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ. ରବୀନ୍ଦ୍ର ଗଡ଼ତୀୟା ମୁଖ୍ୟ ବକ୍ତା ଭାବେ ଯୋଗଦେଇ ଭାରତୀୟ ସ୍ୱାଧୀନତା ସଂଗ୍ରାମର ଅଦ୍ୱିତୀୟ ଶହୀଦ ମାଧୋ ସିଂଙ୍କ ଦୂରଦୃଷ୍ଟି, ଦେଶପ୍ରେମ ଏବଂ ବଳିଦାନ ସଂପର୍କରେ ସୂଚନା ପ୍ରଦାନ କରିଥିଲେ । ସମ୍ମାନିତ ଅତିଥି ଭାବେ ଯୋଗଦେଇ ଶହୀଦ କୁଞ୍ଜଳ ସିଂହ କ୍ଲବ୍, ଘେଁସର ସଭାପତି ଶ୍ରୀଯୁକ୍ତ ଅଶୋକ କୁମାର ପୂଜାହାରୀ ମାଧୋ ସିଂଙ୍କ ବିରଳ ଦେଶପ୍ରେମ ସଂପର୍କରେ ଉଲ୍ଲେଖ କରିଥିଲେ । ସୂଚନା ଓ ଲୋକସଂପର୍କ ବିଭାଗ ନିର୍ଦ୍ଦେଶକ ଶ୍ରୀ ଇନ୍ଦ୍ରମଣି ତ୍ରିପାଠୀ ଅତିଥିମାନଙ୍କୁ ସଭାପତିତ୍ୱ କରି ତାଙ୍କ ବକ୍ତବ୍ୟରେ ୧୮୫୭ ମସିହାର ଭାରତୀୟ ମୁକ୍ତି ସଂଗ୍ରାମରେ ପଶ୍ଚିମ ଓଡ଼ିଶାର ବିପ୍ଳବୀମାନଙ୍କ ମଧ୍ୟରେ ଶହୀଦ ମାଧୋ ସିଂ ଅନ୍ୟତମ ଏବଂ ସେ ଜଣେ ସ୍ୱାଭିମାନୀ, ସ୍ୱାଧୀନଚେତା ତଥା ପ୍ରଜାବତ୍ସଳ ଶାସକ ଥିଲେ ବୋଲି କହିଥିଲେ । ପ୍ରାରମ୍ଭରେ ଅତିଥିମାନେ ଶହୀଦ ମାଧୋ ସିଂଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ସଭାପରେ ଶହୀଦ କୁଞ୍ଜଳ ସିଂହ କ୍ଲବ୍ ଆନୁକୂଲ୍ୟରେ ପଶ୍ଚିମ ଓଡ଼ିଶାର ପାରମ୍ପରିକ ଲୋକନୃତ୍ୟ ରସରକେଲି, ଫଂଚରସି, ଚୁଟକୁଚୁଟା ଆଦି ପରିବେଷିତ ହୋଇଥିଲା । ଶହୀଦ କୁଞ୍ଜଳ ସିଂହ କ୍ଲବ୍, ଘେଁସର ସହସଂପାଦକ ସୁକୁମାର ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ସୂଚନା ଓ ଲୋକସଂପର୍କ ବିଭାଗର ନିର୍ଦ୍ଦେଶକ (ବୈଷୟିକ) ଶ୍ରୀ ସୁରେନ୍ଦ୍ରନାଥ ପରିଡ଼ା, ଅତିରିକ୍ତ ନିର୍ଦ୍ଦେଶକ ଶ୍ରୀ ସନ୍ତୋଷ କୁମାର ସାହୁ, ସୂଚନା ଓ ଲୋକସଂପର୍କ ବିଭାଗର ବହୁ ବରିଷ୍ଠ ଅଧିକାରୀ ଏବଂ କର୍ମଚାରୀଙ୍କ ସମେତ ଛାତ୍ରଛାତ୍ରୀ, ଗଣମାଧ୍ୟମର ପ୍ରତିନିଧି ଏବଂ ବୁଦ୍ଧିଜୀବୀ ଯୋଗ ଦେଇଥିଲେ । ସୁଶ୍ରୀ ନିବେଦିତା ବେହେରା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ।

ନୀଳଗିରି ଠାକୁର ମାହାଲର ଟ୍ରଷ୍ଟବୋର୍ଡ ଗଠନ ପାଇଁ ଚିଠି ଲେଖିଲେ ପ୍ରତାପ

ନୀଳଗିରି, ୩୧/୧୨ (ନି.ପ୍ର): ନୀଳଗିରି ଠାକୁର ମାହାଲ ଟ୍ରଷ୍ଟବୋର୍ଡ ଗଠନ ପାଇଁ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଏଣ୍ଡୋମେଂଟ କମିଶନରଙ୍କୁ ଲିଖିତ ଭାବେ ଜଣାଇଛନ୍ତି । ହିନ୍ଦୁ ଧର୍ମୀୟ ଏଣ୍ଡୋମେଂଟ ଆକ୍ଟରେ ଦର୍ଶାଯାଇଥିବା ନୀୟମ ଅନୁଯାୟୀ ନୀଳଗିରି ଠାକୁରମାହାଲର ଟ୍ରଷ୍ଟବୋର୍ଡ ଗଠନ କରାଯାଇ ନାହିଁ । କେବଳ ସରକାରୀ କର୍ମଚାରୀ ଓ ରାଣୀଙ୍କ ବ୍ୟତିତ ଦୀର୍ଘଦିନ ଧରି ଟ୍ରଷ୍ଟବୋର୍ଡ ଗଠନ କରିଆସୁଥିବା ବେଳେ ବିଭିନ୍ନ କ୍ଷେତ୍ରରେ ଅର୍ଥର ଅପବ୍ୟବହାର ଭୁଲ ପରିଚାଳନା କରାଯାଉଥିବାର ଚିଠିରେ ଉଲ୍ଲେଖ କରିବା ସହ ବର୍ତମାନ ସୁଧା କୌଣସି ଟ୍ରଷ୍ଟବୋର୍ଡ ନ ଥିବାର ଶ୍ରୀଯୁକ୍ତ ଷଡ଼ଙ୍ଗୀ ଉଲ୍ଲେଖ କରିଛନ୍ତି । ଠାକୁରମାହାଲର ସର୍ବାଙ୍ଗୀନ ଉନ୍ନତି , ଟ୍ରଷ୍ଟବୋର୍ଡ ଅଧିନରେ ଥିବା ମନ୍ଦିର ଗୁଡ଼ିକରେ ରକ୍ଷଣାବେକ୍ଷଣ ଜରୁରୀ ହୋଇଥିବା ବେଳେ ସାଂସଦ ଓ ବିଧାୟକଙ୍କୁ ବୋର୍ଡର ପ୍ରତିନିଧି ଭାବେ ନାମ ରଖିବାକୁ ଚିଠିରେ ଜଣାଇଛନ୍ତି ।

ବୋରିଗୁମ୍ମାରେ ୮ ନବଜାତ ଶିଶୁଙ୍କ ମୃତ୍ୟୁ ମାମଲାରେ ଏନଏଚଇଆରସି ନୋଟିସ୍ ଜାରି କଲେ

ଭୁବନେଶ୍ୱର, ୩୧/୧୨ (ନି.ପ୍ର): କୋରାପୁଟ ବୋରିଗୁମ୍ମାରେ ୮ ନବଜାତ ଶିଶୁଙ୍କ ମୃତ୍ୟୁ ମାମଲାକୁ ନେଇ ରାଷ୍ଟ୍ରୀୟ ମାନବିକ ଅଧିକାର କମିସନ ଓଡ଼ିଶା ମୁଖ୍ୟ ଶାସନ ସଚିବ ଓ ସ୍ୱାସ୍ଥ୍ୟ ସଚିବଙ୍କୁ ନୋଟିସ୍ ଜାରି କରିଛନ୍ତି । ଏନେଇ ଉଭୟଙ୍କୁ ରିପୋର୍ଟ ତଲବ କରାଯାଇଛି । ୪ ସପ୍ତାହ ମଧ୍ୟରେ କାର୍ଯ୍ୟାନୁଷ୍ଠାନ ରିପୋର୍ଟ(ଏଟିଆର୍) ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । କୋରାପୁଟ ବୋରିଗୁମ୍ମାରେ ୮ ନବଜାତ ଶିଶୁଙ୍କ ମୃତ୍ୟୁ ମାମଲାକୁ ନେଇ ଏନଏଚଆରସିରେ ମାମଲା ରୁଜୁ କରାଯାଇଥିଲା । ଏହାପରେ ଜାତୀୟ ମାନବ ଅଧିକାର କମିସନ ଉପରୋକ୍ତ ପଦକ୍ଷେପ ଗ୍ରହଣ କରିଛନ୍ତି ।

ସାରା ଦେଶରେ ୯୦୦୦ରୁ ଅଧିକ ହୋଇଛି ପ୍ରଧାନମନ୍ତ୍ରୀ ଜନଔଷଧି କେନ୍ଦ୍ରର ସଂଖ୍ୟା

ନୂଆଦିଲ୍ଲୀ, ୩୧/୧୨ : ଦେଶର ନାଗରିକଙ୍କୁ ଶସ୍ତା ଦରରେ ଗୁଣବତାପୂର୍ଣ୍ଣ ଜେନେରିକ ଔଷଧ ଉପଲବ୍ଧ କରାଇବା ଉଦ୍ଦେଶ୍ୟରେ ଆରମ୍ଭ କରାଯାଇଛି ପ୍ରଧାନମନ୍ତ୍ରୀ ଭାରତୀୟ ଜନ ଔଷଧି (ପିଏମ୍‌ବିଜେକେ) କେନ୍ଦ୍ରର ସଂଖ୍ୟା ୯୦୦୦ରୁ ମଧ୍ୟ ଅଧିକ ହୋଇଛି । କେନ୍ଦ୍ର ରସାୟନ ଏବଂ ଉର୍ବରକ ମନ୍ତ୍ରାଳୟ ପକ୍ଷରୁ ଶନିବାର ଦିନ ଦିଆଯାଇଥିବା ସୂଚନା ଅନୁଯାୟୀ ଡିସେମ୍ବର ପର୍ଯ୍ୟନ୍ତ ସାରାଦେଶର ୭୬୬ ଜିଲ୍ଲାରୁ ୭୪୩ ଜିଲ୍ଲାରେ ଏବେ ପର୍ଯ୍ୟନ୍ତ ୯୦୦୦ରୁ ଅଧିକ ପ୍ରଧାନମନ୍ତ୍ରୀ ଜନଔଷଧିର ଷ୍ଟୋର ଖୋଲାଯାଇଛି । ପିଏମ୍‌ବିଜେକେରେ ୧୭୫୯ ଔଷଧ ଏବଂ ୨୮୦ ସର୍ଜିକାଲ ଉପକରଣ ସାମିଲ କରାଯାଇଛି । କେନ୍ଦ୍ର ସରକାର ମାର୍ଚ୍ଚ ୨୦୨୪ ପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀ ଭାରତୀୟ ଜନ ଔଷଧ କେନ୍ଦ୍ର (ପିଏମ୍‌ବିଜେକେ)ର ସଂଖ୍ୟା ବଢ଼ାଇ ୧୦,୦୦୦ କରିବାକୁ ଲକ୍ଷ୍ୟ ରଖାଯାଇଛି ।

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

ମକରସଂକ୍ରାନ୍ତିରେ ମୋଦୀଙ୍କ ....

ଦୁଇ ଦୁଇଥର ମୋଦୀଙ୍କ ମନ୍ତ୍ରିମଣ୍ଡଳ ଅଦଳବଦଳ ହୋଇଥି

ରବିବାର, ଜାନୁଆରୀ ୦୧, ୨୦୨୩

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

କବିତା ପୁସ୍ତକ ପତ୍ରକାର ପ୍ରତିଛାୟା ଲୋକାର୍ପିତ

ଭୁବନେଶ୍ୱର, ୩୧/୧୨ (ନି.ପ୍ର): ଓଡ଼ିଆ ସାହିତ୍ୟର ଏକ ବିସ୍ତୃତ ଓ ମହାନ ପରମ୍ପରା ରହିଛି । ତାର ଅନୁସରଣରେ ଓଡ଼ିଆ ସାହିତ୍ୟ ତାର ଜୟଯାତ୍ରା ଅବ୍ୟାହତ ରଖିଛି । ସାହିତ୍ୟରେ ଅନୁଭବ ଓ ଅସ୍ମିତାର ପ୍ରତିଫଳନ ଗୁରୁତ୍ୱପୂର୍ଣ୍ଣ ବୋଲି ପ୍ରସିଦ୍ଧ କବି ଡ଼. ଫନୀ ମହାନ୍ତି ମତବ୍ୟକ୍ତ କରିଛନ୍ତି । ଆଜି ସନ୍ଧ୍ୟାରେ ସାମ୍ବାଦିକ କବି ବିବେକାନନ୍ଦ ଜେନାଙ୍କ କବିତା ପୁସ୍ତକ ପତ୍ରକାରର ପ୍ରତିଛାୟାର ଲୋକାର୍ପଣ କାର୍ଯ୍ୟକ୍ରମରେ ଡ. ମହାନ୍ତିଙ୍କ ସମେତ ଅନ୍ୟ ଅତିଥିମାନେ ଯୋଗଦେଇ କବିଙ୍କ ସାରସ୍ୱତ ଯାତ୍ରାର ସଫଳତା କାମନା କରିଛନ୍ତି । ବିଶିଷ୍ଟ ସାମ୍ବାଦିକ ତଥା ସ୍ତମ୍ଭକାର ପ୍ରଦୋଷ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ଗୀତଗୋବିନ୍ଦ ସଦନରେ ଅନୁଷ୍ଠିତ ଏହି ଲୋକାର୍ପଣ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ କବି ଡ. ମହାନ୍ତି ସମକାଳୀନ ଓଡ଼ିଆ କବିତା ଜୀବନ, ସମ୍ପର୍କ ଓ ସମାଜର ବିବିଧ ବିନ୍ଦୁଗୁଡ଼ିକୁ ସ୍ପର୍ଶ କରିଛି ବୋଲି କହିଥିଲେ । ସଫଳ ଅନୁବଦ ମାଧ୍ୟମରେ ଓଡ଼ିଆ ସାହିତ୍ୟକୃତିଗୁଡ଼ିକ ଜାତୀୟ ଓ ବିଶ୍ୱସ୍ତରରେ ପ୍ରଶଂସିତ ହୋଇପାରିବାର ଯୋଗ୍ୟତା ରଖନ୍ତି ବୋଲି ସେ ଉଲ୍ଲେଖ କରିଥିଲେ । କଥାକଳିକାର ମୁଖ୍ୟ ସମ୍ପାଦିକା ତଥା ଖ୍ୟାତନାମା ଅନୁବାଦିକା ସୁପ୍ରଭା ରାୟ ବିଶିଷ୍ଟ ଅତିଥି ଭାବେ ଯୋଗଦେଇ ସାମ୍ବାଦିକତା ଓ ସାହିତ୍ୟ ସାଧନା ମଧ୍ୟରେ ସମନ୍ୱୟ ରକ୍ଷା କରି କବି ସୃଜନମନସ୍କ ହୋଇପାରିଛନ୍ତି ବୋଲି ପ୍ରକାଶ କରିଥିଲେ । ବିଶିଷ୍ଟ ଶିକ୍ଷାବିତ୍ ତଥା ଚୌଦ୍ୱାର ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷା ଶ୍ରୀମତୀ ଭାରତୀ କାନୁନଗୋ (ମହାନ୍ତି) ସମ୍ମାନିତ ଅତିଥି ଭାବେ ଯୋଗଦେଇ ପ୍ରତିକୂଳତା ଓ ସମସ୍ୟା ସହ ସଂଗ୍ରାମ କରି ପ୍ରତିଭାର ଯେପରି ବିକାଶ ଘଟିଥାଏ, ସେହିପରି କବିଙ୍କ ସାହିତ୍ୟ ସାଧନା ସାମ୍ବାଦିକତାର କଷଟି ପଥରରେ ଉଜ୍ଜ୍ୱଳ ହୋଇପାରିଛି ବୋଲି ପ୍ରକାଶ କରିବା ସହିତ ତାଙ୍କର ଉଜ୍ଜ୍ୱଳ ଭବିଷ୍ୟତ ଆଶା କରିଥିଲେ । ବିଶିଷ୍ଟ କବି ସୂର୍ଯ୍ୟ ମିଶ୍ର ମୁଖ୍ୟ ବକ୍ତା ଭାବରେ ଯୋଗଦେଇ ପୁସ୍କ ସମ୍ପର୍କରେ ବିସ୍ତୃତ ଆଲୋଚନା କରିବା ସହିତ ବିବେକାନନ୍ଦଙ୍କ କବିତାରେ ଆଡ଼ମ୍ବର, ଚାତୁରୀ, ତେର୍ଛାପଣ ଓ କୃତ୍ରିମତା ନ ଥାଇ ସରକାରୀ ଓ ଉପସ୍ଥାପନାରେ ସ୍ୱଚ୍ଛତା ପରିଲକ୍ଷିତ ହୋଇଛି ବୋଲି କହିଥିଲେ ।

ବିଭିନ୍ନ ନିଗମ ଓ ବୋର୍ଡ ସମେତ ପରିଷଦରେ ଅବସ୍ଥାପିତ ହେଲେ ନେତା

ଭୁବନେଶ୍ୱର, ୩୧/୧୨ (ନି.ପ୍ର): ବିଭିନ୍ନ ବୋର୍ଡ, ନିଗମର ଅଧ୍ୟକ୍ଷ ପଦବୀ ସହିତ ବିଭିନ୍ନ ଯୋଜନାରେ ବିଜେଡିର ନେତା ମାନଙ୍କୁ ପରାମର୍ଶଦାତା ଭାବେ ନିଯୁକ୍ତି ଦିଆଯାଇଛି । ମିଳିଥିବା ସୂଚନା ଅନୁସାରେ ସୁଭାଷ ପାତ୍ରଙ୍କୁ ପିସିକଲଚର ବିକାଶ ପରିଷଦର ଅଧ୍ୟକ୍ଷ ଭାବେ ନିଯୁକ୍ତି ଦିଆଯାଇଛି । ସେହିପରି ମହେନ୍ଦ୍ର ବଜେଇଙ୍କୁ ଷ୍ଟେଟ ୱାୟର ହାଉସିଂ କର୍ପୋରେସନ ତଥା ଶେଖ ନିଜାମୁଦ୍ଦିନଙ୍କୁ ୱକଫ ବୋର୍ଡର ଅଧ୍ୟକ୍ଷ ଭାବେ ନିଯୁକ୍ତି ଦିଆଯାଇଛି । ଓଡ଼ିଶା ଉଠାଜଳ ସେଚନ ନିଗମରେ (ଓଏଲ୍‌ଆଇସି)ରେ ପ୍ରମୋଦ ପାଢ଼ୀଙ୍କୁ ପରାମର୍ଶଦାତା ଭାବେ ନିଯୁକ୍ତ କରିଛନ୍ତି । ରାଜଧାନୀ ଚିକିତ୍ସାଳୟରେ ସଂଜୟ ସେଠୀ, ମମତା ଯୋଜନାରେ ସଂଯୁକ୍ତା ମହାନ୍ତି, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ପୁଷ୍ପାଞ୍ଜଳି ରଣା, ସଂଖ୍ୟାଲଘୁ ମାମଲାରେ ତହରା ଖାତୁନ୍, ଜାଗା ମିଶନରେ ହରିଶଙ୍କର ରାଉତ ଓ ସାଶ୍ୱତୀ ମିଶ୍ର, ପଶ୍ଚିମ ଓଡ଼ିଶା ବିକାଶ ପରିଷଦରେ ନାରାୟଣ ସାହୁ, ମୁକ୍ତା ଯୋଜନାରେ ରାଜଶ୍ରୀ ମହାନ୍ତି, ଇପ୍‌ସିତା ସାହୁ, ମୀରା ପରିଡ଼ା, ବିଜୁ ସେତୁ ଯୋଜନାରେ ସରତ ଚନ୍ଦ୍ର ପାତ୍ର, ଦିଲୀପ କୁମାର ସାହୁଙ୍କୁ ପରାମର୍ଶଦାତା ଭାବେ ନିଯୁକ୍ତ କରିଛନତି । ସେହିପରି ରାଜ୍ୟ ବୃତ୍ତି ଯୋଜନାରେ ସିସିର ପରିଜା, ବୟନଶିଳ୍ପରେ ସୌଭାଗ୍ୟ ନାୟକ, ଏମକେସିଜିର କେ ଶାନ୍ତି, କାଳିଆ ଯୋଜନାରେ ସଂଜୟ ବାବୁ, ସାରଦା ଜେନା, କେନ୍ଦୁପତ୍ର କଲ୍ୟାଣ ବୋର୍ଡରେ ସଂଜିତ ମହାନ୍ତି, ପଛୁଆ ବର୍ଗ ଜାତିରେ ପୃଥ୍ୱୀରାଜ ସାହୁ, ଉଚ୍ଚଶିକ୍ଷା ବିଭାଗ ଛାତ୍ରବୃତ୍ତି ପାଇଁ ତନ୍ମୟ ସ୍ୱାଇଁ, ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ ସବିତା ମହାପାତ୍ର, ମଧୁବାବୁ ପେନ୍‌ସନ ଯୋଜନାରେ ଅସିତ ପଟ୍ଟନାୟକ, ରଜତ ମହାପାତ୍ର, ନିରାମୟ ଯୋଜନାରେ ରଂଜନ ବିଶ୍ୱାଳ, ଅନ୍ୱେଷା ଓ ଆକାଂକ୍ଷା ଯୋଜନାରେ ଏଲିନା ଦାସ ଓ ବସୁଧା ଯୋଜନାରେ ଅପୂର୍ବା ଅପରୂପାଙ୍କୁ ପରାମର୍ଶଦାତା ଭାବେ ନିଯୁକ୍ତ ହୋଇଛନ୍ତି ।

ଅବସରପ୍ରାପ୍ତ ଶିକ୍ଷକ-କର୍ମଚାରୀ ସଂଘର ବିଭିନ୍ନ ଦାବି ନେଇ ମୁଖ୍ୟମନ୍ତ୍ରୀଙ୍କୁ ସ୍ମାରକପତ୍ର

ଜଳେଶ୍ୱର, ୩୧/୧୨(ନି.ପ୍ର): ଅବସରପ୍ରାପ୍ତ ଶିକ୍ଷକ ଓ କର୍ମଚାରୀ ସଂଘ ଜଳେଶ୍ୱର ଶାଖା ପକ୍ଷରୁ ଆଜି ସଭାପତି ରାଜାରାମ କରଶର୍ମା ଓ ସଂପାଦକ ଡ. ଲଳିତ ରଂଜନ ସେନାପତିଙ୍କ ନେତୃତ୍ୱରେ ଏକ ସ୍ମାରକ ପତ୍ର ବିଡିଓଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ପ୍ରଦାନ କରାଯାଇଛି । ଏଥିରେ ଓଡିଶାରେ ଅନ୍ୟ ରାଜ୍ୟ ଭଳି ଅବସରପ୍ରାପ୍ତ ଶିକ୍ଷକ ଓ କର୍ମଚାରୀ ମାନଙ୍କୁ ସୁବିଧା ପ୍ରଦାନ କରିବା, ନଗଦ ଟଙ୍କା ବିହୀନ ଚିକିତ୍ସାର ସୁବିଧା, ପ୍ରତିମାସ ୧୫ଶହ ଟଙ୍କା ଚିକିତ୍ସାଲାଗି ବ୍ୟବସ୍ଥା, ଅତିରିକ୍ତ ବର୍ଦ୍ଧିତ ପେନ୍‌ସନ ବ୍ୟବସ୍ଥା ଲାଗୁ କରି ୬୫ ବର୍ଷ ବୟସରେ ୫ ପ୍ରତିଶତ, ୭୦ବର୍ଷରେ ୧୦ ପ୍ରତିଶତ, ୭୫ ବର୍ଷରେ ୧୫ ପ୍ରତିଶତ ଏବଂ ୮୦ବର୍ଷରେ ଯଥାରିତି ଅତିରିକ୍ତ ବର୍ଦ୍ଧିତ ପେନ୍‌ସନ ବ୍ୟବସ୍ଥା ଲାଗୁ କରିବାକୁ ସେମାନେ ଦାବି କରିଛନ୍ତି । ୨୦୦୪ ମସିହାରେ ନୂଆ ପେନ୍‌ସନ ନିୟମକୁ ବାତିଲ କରି ପୁରୁଣା ପେନ୍‌ସନ ନିୟମ ଲାଗୁ କରିବା ଏବଂ ସମସ୍ତଙ୍କ ପାଇଁ ଏକ ପେନ୍‌ସନ ନିୟମ ଲାଗୁ କରିବାକୁ ସେମାନେ ଦାବି କରିଛନ୍ତି । ବିଡିଓଙ୍କୁ ଦାବିପତ୍ର ଦେବା ଅବସରରେ ଶିକ୍ଷକ ନେତା ଖଗେନ୍ଦ୍ରନାଥ ସାହୁ, କପିଳେଶ୍ୱର ମହାନ୍ତି, ଭାଗବତ ପରିଡା, ବିଭୁତି ଦାସ, ହେମନ୍ତ ଦାସ, କାଳିଚରଣ ପୃଷ୍ଟି, ସୁଶାନ୍ତ ପରିଡା, ଜ୍ୟୋତିଶଚନ୍ଦ୍ର କର, ସୁନିଲ ଗିରି ପ୍ରମୁଖ ଉପସ୍ଥିତ ଥିଲେ ।

୨୦୨୩ ନବବର୍ଷର ଶୁଭେଚ୍ଛା

ରାଧାଶ୍ୟାମ ପଣ୍ଡା

ନୂଆବର୍ଷ-୨୦୨୩ ସମସ୍ତଙ୍କ ପାଇଁ ମଙ୍ଗଳମୟ ହେଉ, ଏହାହିଁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପଦାରବିନ୍ଦରେ ପ୍ରାର୍ଥନା ।

ସମ୍ପାଦକ, ବମକୁରା ସେବା ସମବାୟ ସମିତି, ଧାମନଗର ବ୍ଲକ

ଅମର୍ଦ୍ଦାରୋଡ ବଜାର କମିଟିର ସାଧାରଣ ସଭା

ବସ୍ତା, ୩୧/୧୨ (ନି.ପ୍ର): ପ୍ରତିବର୍ଷ ପରି ଚଳିତ ବର୍ଷ ଅମର୍ଦ୍ଦାରୋଡ ବଜାର କମିଟିର ବାର୍ଷିକ ସାଧାରଣ ଅଧିବେଶନ ଓ ସାଧାରଣ ସଭା ଶୁକ୍ରବାର ପୂର୍ବାହ୍ନ ୧୦ ଘଟିକାରେ ସ୍ଥାନୀୟ ହାଟପଡ଼ିଆ ଠାରେ ବଜାର କମିଟି ସଭାପତି ବିନୋଦିଲାଲ ଖଣ୍ଡେଲୱାଲ ପୌରହିତ୍ୟରେ ଅନୁଷ୍ଠିତ ହୋଇଯାଇ ଅଛି ।ପ୍ରତିବର୍ଷ ପରି ଗତବର୍ଷର ବାର୍ଷିକ ଆୟବ୍ୟୟ ର ହିସାବ ହୋଇଥିଲା । ତେବେ ପୂର୍ବ ବର୍ଷର ଯେଉଁ କମିଟି ଥିଲା ତାକୁ କାୟମ ରଖିବା ସହିତ କଛି ନୂତନ ସଦସ୍ୟ ବୃଦ୍ଧି କରାଯାଇଥିଲା । କମିଟି ସଦସ୍ୟ ହେଲେ ଅକ୍ଷୟ ସ୍ୱାଇଁ, ସୁଜୟ ଚଣ୍ଡ ଓ ସୁଭାଡିପ ମହାନ୍ତି । ଉପସ୍ଥିତ ଥିବା ଜନସାଧାରଣ ଉକ୍ତ କମିଟି ର ସଦସ୍ୟଯଙ୍କୁ ସମର୍ଥନ ଜଣାଇଥିଲେ । ସଭାପତି ଭାବେ ପୁଣି ବିନୋଦି ଲାଲ ଖଣ୍ଡେଲଲୱା, ଉପସଭାପତି ପ୍ରଦୀପ କୁମାର ବେହେରା, ସମ୍ପାଦକ ଇନ୍ଦ୍ରଜୀ ଘୋଷ, କୋଷାଧକ୍ଷ ରାମଚନ୍ଦ୍ର ରାଉଳ, ଅଫିସ ସମ୍ପାଦକ ରବିନ କୁମାର ରାଉଳ ଓ ଉପଦେଷ୍ଟା ଭାବେ ପୂର୍ବତନ ମନ୍ତ୍ରୀ ରଘୁନାଥ ମହାନ୍ତି, ପୂର୍ବତନ ବିଧାୟକ ଦେବୀ ପ୍ରସନ୍ନ ଚଣ୍ଡ, ପ୍ରସନ୍ନ କୁମାର ମିଶ୍ର, ପୁରୋଷତ୍ତମ ପରିଡା, ସୁଭ୍ରାଂଶୁ ପଣ୍ଡା, ସମାଜସେବୀ ରାଜାଶ୍ରୀ ମହାନ୍ତି, ମଦନ ମୋହନ ପାଳ,ରବିନ୍ଦ୍ର ମହାନ୍ତି ସମେତ ୨୪ ଜଣ ସଦସ୍ୟଙ୍କୁ କମିଟିର ପୁନର୍ବାର କାର୍ଯ୍ୟଭାର ପ୍ରଦାନ କରାଯାଇଥିଲା ।

ଧାନଘେରା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ସ୍ୱତନ୍ତ୍ର ଜାତୀୟ ସେବା ଶିବିର ଉଦ୍‌ଯାପିତ

ଉଦଳା, ୩୧/୧୨ (ନି.ପ୍ର): ଧାନଘେରା ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ଅନୁଷ୍ଠିତ ଶୀତ କାଳିନ ସ୍ୱତନ୍ତ୍ର ଦିବା ଜାତୀୟ ସେବା ଶିବିର ଉଦ୍‌ଯାପିତ ହୋଇ ଯାଇଛି । ଉଦ୍‌ଯାପନୀ ଉତ୍ସବରେ ଅଧ୍ୟକ୍ଷତା କରି ଅଧ୍ୟାପକ ଶ୍ରୀ ସୁବାସ ଚନ୍ଦ୍ର ଦାସ ଶିବିରାର୍ଥି ମାନଙ୍କର କାର୍ଯ୍ୟକୁ ଭୂୟସୀ ପ୍ରଶଂସା କରିଥିଲେ । ଅଧ୍ୟାପକ ଜୟନ୍ତ କୁମାର ଜେନା, ରଜତ ଚନ୍ଦ୍ର ନାୟକ, କୁଳମଣୀ ବେହେରା ଏବଂ କ୍ରୀଡ଼ା ଶିକ୍ଷକ ସରୋଜ କୁମାର ପଣ୍ଡା ପ୍ରମୁଖ ତାଙ୍କ ବକ୍ତବ୍ୟରେ ଛାତ୍ର ମାନଙ୍କୁ ଉତ୍ସାହିତ କରିବା ସହିତ ସେବା ମନୋଭାବ ନେଇ କାର୍ଯ୍ୟ କରିବାକୁ ପ୍ରେରଣା ଦେଇଥିଲେ । ଏହି ଶିବିର ୨୩/୧୨/୨୦୨୨ ରିଖ ଠାରୁ ୨୯-୧୨-୨୦୨୨ ରିଖ ପର୍ଯ୍ୟନ୍ତ ପୋଷ୍ୟ ଗ୍ରାମ ଦୁଲାସାହି ଠାରେ ଅନୁଷ୍ଠିତ ହୋଇ ଗ୍ରାମର ସଫେଇ/ ପରିମଳ ବ୍ୟବସ୍ଥା ଏବଂ ବିଭିନ୍ନ ସଚେତନତା ମୂଳକ କାର୍ଯ୍ୟକ୍ରମ ଉପରେ ଗୁରୁତ୍ୱ ଦିଆଯାଇଥିଲା । ଅନୁଷ୍ଠାନର ପ୍ରୋଗ୍ରାମ ଅଫିସର ହିମାଂଶୁ ଖେର ଜେନାଙ୍କ ପ୍ରତକ୍ଷ ତତ୍ତ୍ୱାବଧାନରେ ୭ ଦିନ ଧରି ୫୨ ଜଣ ଶିବିରାର୍ଥି ସୁଚାରୁ ରୂପେ ନିୟମାନୁଯାୟୀ କାର୍ଯ୍ୟ ସମ୍ପାଦନ କରିଥିଲେ । ଜିଲ୍ଲା ଜାତୀୟ ସେବା ଯୋଜନା କାର୍ଯ୍ୟାଳୟ ତରଫରୁ ବିଭିନ୍ନ ସମୟରେ ପର୍ଯ୍ୟବେକ୍ଷକ ଆସି ଏହି ଶିବିରକୁ ତଦାରଖ କରି ଏହାର ପ୍ରଶଂସା କରିଥିଲେ । ସର୍ବପରି ଗ୍ରାମବାସୀ ମାନଙ୍କର ସହଯୋଗ ଉକ୍ତ କାର୍ଯ୍ୟକ୍ରମକୁ ସଫଳ କରିବାରେ ସହାୟକ ହୋଇଥିଲା ।

୨୦୨୩ ନବବର୍ଷର ଶୁଭେଚ୍ଛା

ରଞ୍ଜନ କୁମାର ମାଝୀ

ନୂଆବର୍ଷ ସମସ୍ତଙ୍କ ପାଇଁ ଶୁଭଙ୍କରୀ ହେଉ, ସମସ୍ତଙ୍କ ପ୍ରାଣରେ ଭରିଦେଉ ଆନନ୍ଦ ଓ ଉତ୍ସାହ, ଏତିକି କାମନା ।

ସମ୍ପାଦକ, ପାଳସାହି ଓ ଧୂଷୁରୀ ସେବା ସମବାୟ ସମିତି

ନୀଳଗିରି ଲ୍ୟାମ୍ପରେ ସାଧାରଣ ସଭା ଅନୁଷ୍ଠିତ

ନୀଳଗିରି, ୩୧/୧୨ (ନି.ପ୍ର): ନୀଳଗିରି ଲ୍ୟାମ୍ପ ପରିସରରେ ୨୦୨୨-୨୩ ଆର୍ଥିକ ବର୍ଷ ପାଇଁ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି । ସାଧାରଣ ସଭାରେ ମୁଖ୍ୟ ଅତିଥି ଭାବେ ନୀଳଗିରି ବିଧାୟକ ଇଂ. ସୁକାନ୍ତ କୁମାରନ ।ୟକ ଉପସ୍ଥିତ ରହି ଗ୍ରାମୀଣ ଭାଇମାନଙ୍କର ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ । ବାଲେଶ୍ୱର-ଭଦ୍ରକ କୋଅପରେଟିଭ୍ ବ୍ୟାଙ୍କର ସଭାପତି ଗଣେଶ ଚନ୍ଦ୍ର ମହାପାତ୍ର ଉପସ୍ଥିତ ରହି ନୀଳଗିରିରେ ବିଭିନ୍ନ ସ୍ଥାନରେ ଯଥାଶୀଘ୍ର ଧାନମଣ୍ଡି ଖୋଲିବା, କଟନି ଛଟନି ଉପରେ ଗୁରୁତ୍ୱ ଦେବା ଉପରେ ଆଲୋଚନା କରିଥିଲେ । ଉପସଭାନେତ୍ରି ଟଂଜିତା ସିଂ ଉପସ୍ଥିତ ରହି ଗ୍ରାମୀଣ ଭାଇମାନେ ଯେପରି ନିଜ ନିଜରର ଧାନକୁ ଶାନ୍ତି ଶୃଙ୍ଖଳାରେ ଦେଇପାରିବେ ସେ ବିଷୟରେ ଆଲୋଚନା କରିଥିଲେ । ନୀଳଗିରି ଲ୍ୟାମ୍ପର ସଭାପତି ନମା ସିଂ, ଉପସଭାନେତ୍ରି ଜାନକୀ ସିଂ ବ୍ୟାଙ୍କ ଶାଖା ପରଗ୍ରଳକ ଅରୁଣ ମାଇତ ନୀଳଗିରି ଲ୍ୟାମ୍ପର ଏମ.ଡି. ପ୍ରଶାନ୍ତ କୁମାର ନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

୨୦୨୩ ନବବର୍ଷର ଶୁଭେଚ୍ଛା

ଦେବାଶିଷ ମହାନ୍ତି

ନୂଆବର୍ଷ ସମସ୍ତଙ୍କ ପାଇଁ ଶୁଭଙ୍କରୀ ହେଉ, ସମସ୍ତଙ୍କ ପ୍ରାଣରେ ଭରିଦେଉ ଆନନ୍ଦ ଓ ଉତ୍ସାହ, ଏତିକି କାମନା ।

ସଭାପତି, ଧାମନଗର ସେବା ସମବାୟ ସମିତି

୨ରୁ ସାଂସ୍କୃତିକ ମହୋତ୍ସବ, ଚୂଡାନ୍ତ ପ୍ରସ୍ତୁତି ଶେଷ

ଭଦ୍ରକ, ୩୧/୧୨ (ନି.ପ୍ର): ଚଳିତ ମାସ ୨ ତାରିଖରୁ ଭଦ୍ରକ ଗାନ୍ଧୀ ପଡ଼ିଆ ଠାରେ ୭ମ ଭଦ୍ରକ ସାଂସ୍କୃତିକ ମହୋତ୍ସବ ଓ ପୁସ୍ତକ ମେଳା ଆରମ୍ଭ ହେବ । ଏହା ୧୧ ଦିନ ଧରି ଚାଲିବ ଓ ୧୩ ତାରିଖ ଉଦଯାପିତ ହେବ । ଉକ୍ତ ଉତ୍ସବକୁ ଭଦ୍ରକ ବିଧାୟକ ଉଦଘାଟନ କରିବେ । ଏଥିରେ ଅନୁଷ୍ଠିତ ହେବାକୁ ଥିବା ମୀନା ବଜାରରେ ଜିଲ୍ଲା ସମେତ ବାହାର ଜିଲ୍ଲାକୁ ମିଶାଇ ୮୦ରୁ ଉର୍ଦ୍ଧ୍ୱ ବ୍ୟବସାୟୀ ସେମାନଙ୍କ ଷ୍ଟଲ ଖୋଲିବେ । ପ୍ରତ୍ୟେକ ଦିନ ସଂଧ୍ୟାରେ ବିଭିନ୍ନ ଅନୁଷ୍ଠାନ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ଜିଲ୍ଲା ମଧ୍ୟରୁ ପ୍ରାୟ ୫୦ରୁ ଉର୍ଦ୍ଧ୍ୱ ଅନୁଷ୍ଠାନର ପିଲାମାନେ ଏଥିରେ ଭାଗ ନେବେ । ବିଶେଷକରି ଜିଲ୍ଲା ମଧ୍ୟରେ ଥିବା ଲୁକ୍କାୟିତ ପ୍ରତିଭାଙ୍କୁ ଲୋକ ଲୋଚନକୁ ଆଣିବା ଦିଗରେ ମହୋତ୍ସବ କମିଟି ଉଦ୍ୟମ କରି ଆସୁଛି । ଏଥି ନିମନ୍ତେ ଆଜି କମିଟି କାର୍ଯ୍ୟାଳୟରେ ଚୂଡାନ୍ତ ପ୍ରସ୍ତୁତି ବୈଠକ କମିଟିର ସଭାପତି ରବି ନାରାୟଣ ଖିଲାରଙ୍କ ସଭାପତିତ୍ୱ ଓ ଆବାହକ ଅବିନାଶ ପଣ୍ଡାଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଯାଇଛି । ସମସ୍ତ କାର୍ଯ୍ୟକ୍ରମ ବିଷୟରେ ସମ୍ପାଦକ ଅସିମ ଅମିତାଭ ମହାପାତ୍ର ସବିଶେଷ ସୂଚନା ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ପ୍ରିୟଦର୍ଶନ ବୋଇତି, ରାମ ନାରାୟଣ ମହାନ୍ତି, ପ୍ରଭାତ ଜେନା, ପିତାମ୍ବର ରେଡ୍ଡୀ, ଅପୂର୍ବ ରଂଜନ ବେହେରା, ଜଗବନ୍ଧୁ ବେହେରା, ସେକ ଜସ୍ମେର, ଶଙ୍କର ଗୁରୁଭିଲ୍ଲା, ସୁପ୍ରଭା ପାଣୀ, ସଂଯୁକ୍ତା ମହାନ୍ତି, ସୁବ୍ରତ ଦିକ୍ଷୀତ, ଅଜୟ ପଣ୍ଡା, ଦେବେନ୍ଦ୍ର ବେହେରା, ମନୋରମା ରାୟ, ସନ୍ତୋଷ ନାୟକ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶ ଗ୍ରହହଣ କରିଥିଲେ ।

ଅବକାରୀ ଅଧିକାରୀଙ୍କ ରାଜ୍ୟ ସ୍ତରୀୟ ତାଲିମ କର୍ମଶାଳା

ଭୁବନେଶ୍ୱର, ୩୧/୧୨ (ନି.ପ୍ର): ରାଜ୍ୟ ଅବକାରୀ କମିଶନର ଶ୍ରୀ ଆଶିଷ କୁମାର ସିଂହ, ଏନ୍.ଡି.ପି.ଏସ୍. ଆଇନ୍‌ର ବିଭିନ୍ନ ଦିଗ ତଥା ଅଦାଲତରେ ସାକ୍ଷ୍ୟ ଉପରେ ଏକ ରାଜ୍ୟସ୍ତରୀୟ କର୍ମଶାଳାକୁ ଆଜି ଉଦ୍‌ଘାଟନ କରିଛନ୍ତି । ଏହି କର୍ମଶାଳାରେ ସମଗ୍ର ଓଡିଶାର ଅବକାରୀ କର୍ମଚାରୀମାନେ ଅନଲାଇନ ମାଧ୍ୟମରେ ଯୋଗ ଦେଇଥିଲେ । କର୍ମଶାଳାରେ ବିଭାଗର ଯୁଗ୍ମ ନିର୍ଦ୍ଦେଶକ ଶ୍ରୀ ଜମେଶ୍ୱର ମିଶ୍ର, ପବ୍ଲିକ ପ୍ରସିକ୍ୟୁ ସନର ନିର୍ଦ୍ଦେଶକ ଯୋଗଦେଇ ଅନଲାଇନ୍ ମାଧ୍ୟମରେ ଏନ୍.ଡି.ପି.ଏସ୍. ଆଇନ୍‌ର ବିଭିନ୍ନ ଦିଗ ଉପରେ ତଥା ମାନ୍ୟବର ଅଦାଲତରେ ସାକ୍ଷ୍ୟ ଉପରେ ଆଲୋଚନା କରିଥିଲେ । ଏଥି ସହିତ ଆଇନ୍ ଅନୁଯାୟୀ ଚଢାଉ, ଗିରଫଦାରୀ, ତଦନ୍ତ ଓ ସାକ୍ଷ୍ୟ ପ୍ରଦାନ ଉପରେ ତର୍ଜମା କରିଥିଲେ ଓ ଅବକାରୀ କର୍ମଚାରୀଙ୍କ ବିଭିନ୍ନ ପ୍ରଶ୍ନର ଉତର ପ୍ରଦାନ କରିଥିଲେ । ଏହି କର୍ମଶାଳାକୁ ଅବକାରୀ ଉପ କମିଶନର ଶ୍ରୀ ରାମଚନ୍ଦ୍ର ମିଶ୍ର ସଂଯୋଜନା କରିଥିଲେ । ଅତିରିକ୍ତ କମିଶନର ଶ୍ରୀ ରାମ ଚନ୍ଦ୍ର ପାଲଟା, ଶ୍ରୀ ରଜତ କୁମାର ପ୍ରହରାଜ ଓ ଶ୍ରୀ ଦମ୍ବରୁଧର ଖଣ୍ଡା ପ୍ରମୂଖ ଉପସ୍ଥିତ ଥିଲେ । ଅବକାରୀ ବିଭାଗକୁ ଅଧିକ ସକ୍ରିୟ କରାଯିବା ସହିତ ମାମଲାର ସଠିକ ପରିଚାଳନା, ତ୍ୱରିତ ଫଏସଲା ଓ ଦୋଷୀଙ୍କୁ ଦଣ୍ଡ ପ୍ରଦାନ ଲାଗି ପ୍ରତ୍ୟେକ ମାସରେ ଏଭଳି ତାଲିମ/ କର୍ମଶାଳା ଆୟୋଜନ କରାଯାଇ ଅବକାରୀ କର୍ମଚାରୀମାନଙ୍କର ଦକ୍ଷତା ବୃଦ୍ଧି କରାଯାଉଥିବା ପ୍ରକାଶ ।

୨୦୨୩ ନବବର୍ଷର ଶୁଭେଚ୍ଛା

ରାଜେନ୍ଦ୍ର କୁମାର ଖଣ୍ଡାୟୀ

ସମ୍ପାଦକ
ତେସିଙ୍ଗା ଓ ନାଆଁମୀ ସେବା ସମବାୟ ସମିତି

ଜାତୀୟ ସେବା ଯୋଜନାର ଶୀତକାଳୀନ ସ୍ୱତନ୍ତ୍ର ଶିବିର ଅନୁଷ୍ଠିତ

ଉଦଳା, ୩୧/୧୨ (ନି.ପ୍ର): ନୂଆସାହିସ୍ଥିତ କପ୍ତିପଦା ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା ଆନୁକୂଲ୍ୟରେ ଶୀତ କାଳୀନ ସ୍ୱତନ୍ତ୍ର ଶିବିର ଅନୁଷ୍ଠିତ ହୋଇ ଯାଇଛି । ମହାବିଦ୍ୟାଳୟର ରାଜନୀତି ବିଜ୍ଞାନ ବିଭାଗର ମୁଖ୍ୟ ତଥା ଜାତୀୟ ସେବା ଯୋଜନାର ପ୍ରୋଗ୍ରାମ ଅଫିସର ଲମ୍ବୋଦର ବାରିକ ୭ ଦିନ ଧରି ଚାଲିଥିବା ଏହି ଶିବିର ପରିଚାଳନାର ନେତୃତ୍ୱ ନେଇଥିଲେ । କପ୍ତିପଦା ଉଚ୍ଚମାଧ୍ୟମିକ ବିଦ୍